ସାହସୀ ପିଲା

ଅଭିରାମ ପଣ୍ଡା

Digitized by srujanika@gmail.com

ସାହସୀ ପିଲା

ଲେଖକ :

ଶ୍ରୀ ଅଭିରାମ ପଣ୍ଡା

ପ୍ରକାଶକ :

'କିରଣ' ପବ୍ଲିକେଶନ୍ସ

ଅଶୋକ ନଗର

ବ୍ରହ୍ମପୁର-୧ (ଗଞ୍ଜାମ)

ମୂଲ୍ୟ—ଟ ୫ ୫୦

Digitized by srujanika@gmail.com

ସୂଚୀପତ୍ର

ବିଷୟ	ପୃଷ୍ଠା
୧ । ସାହସୀ ପିଲା	୧
୨ । ଚାଟକଣି ବୁଦ୍ଧି ଶିଖାଇଲା	୭
୩ । ବାବନା ଭୂତର ହସ	୧୩
୪ । ବିଧିର ବିଧାନ, କେ କରିବ ଆନ	୧୮
୫ । ଅଜାଙ୍କ ବାହାଦୁରୀ	୨୪
୬ । ସିଂହରାଜାର ବଣଭୋଜି	୩୧
୭ । ବାପାଙ୍କ ଆଦେଶ ପୁଅ ପାଳିଲା	୩୮
୮ । ଚତୁର ଠେକୁଆ	୪୩

ସାହସୀ ପିଲା

ଲେଖକ : ଶ୍ରୀ ଅଭିରାମ ପଣ୍ଡା

ପ୍ରକାଶକ : କିରଣ ପବ୍ଲିକେଶନସ୍
ଅଶୋକ ନଗର, ବ୍ରହ୍ମପୁର-୧

ପ୍ରକାଶ କାଳ : ଦଶହରା, ୧୯୯୦

ମୁଦ୍ରଣ : ସନ୍ତୋଷ ପ୍ରିଣ୍ଟର୍ସ
ବ୍ରହ୍ମପୁର-୯ (ଗଞ୍ଜାମ)

ମୂଲ୍ୟ—ଟ ୫-୫୦

Digitized by srujanika@gmail.com

ସାହସୀ ପିଲା



ଲଣ୍ଡାମୁଣ୍ଡିଆ ପାହାଡ଼ ତଳେ କଇଁପୁର ଏକ ଛୋଟିଆ ଗାଁ । ଚାରିପଟେ ବୁଦୁବୁଦୁକିଆ ବଣ ଜଙ୍ଗଲ । ଗାଁ ଲୋକଙ୍କ ମୁଖ୍ୟ ବେଉସା ଆଖୁଚାଷ । ତେଣୁ ଗାଁ ଚାରିପଟ ଆଖୁବାଡ଼ରେ ଭରପୂର । ସେହି ଆଖୁ ଲୋଭରେ ଆଖପାଖ ବଣରେ ବହୁତ ଭାଲୁ ରହିଥାନ୍ତି । ପାହାଡ଼ରୁ ମଧ୍ୟରାତ୍ରରେ ଅନେକ ଭାଲୁ ଗଡ଼ନ୍ତି । ଗାଁ ଲୋକେ ସେମାନଙ୍କ ଦାଉରୁ ଆଖୁ ବାଡ଼ ରକ୍ଷା କରିବା ପାଇଁ ନିଜ ନିଜ କିଆରୀ ପାଖରେ ଅନେକ ରାତି ଯାଏ ନିଆଁ ଜାଳି ଜଗି·ରହନ୍ତି । ତଥାପି ଭାଲୁମାନେ କେଉଁ ଛଟକରେ ଆସି ଆଖୁ ଖାଇଦେଇ ଚାଲିଯାନ୍ତି । କେତେବେଳେ ଅବା ଧରା ପଡ଼ିଲେ ପାହାରେ ଦି' ପାହାର ଖା'ନ୍ତି । ନ ହେଲେ ମଧ୍ୟ ନାହିଁ ।

Digitized by srujanika@gmail.com

ଦିନକର କଥା । ଦୁଇଟି ଭାଲୁ ଆଖୁ ଖାଇବାକୁ ଆଖୁ ବାଡ଼କୁ ଗଲେ । ଗାଁ ମୁଣ୍ଡକୁ ଲାଗି ରାମ ଜେନାର ବାଡ଼ । ସେ ବଡ଼ ଚାଷୀ ନ ହେଲେ ବି ଅତି ଛୋଟ ନୁହେଁ । ସେହି ଆଖୁରୁ ଯାହା ଆଦାୟ ହୁଏ ସେଥିରେ ପାଞ୍ଚପ୍ରାଣୀ କୁଟୁମ୍ବ ଯେମିତି ସେମିତି ଚଳିଯାନ୍ତି । ତେଣୁ ଭାଲୁ ଦାଉରୁ ଆଖୁ ରକ୍ଷା କରିବା ପାଇଁ ବାଡ଼ ମଝିରେ ମଞ୍ଚାଟିଏ କରି ରାମ ରାତିରେ ଶୁଏ ।

ଦଇବ ଯୋଗକୁ ସେ ଭାଲୁ ଦୁଇଟି ସେଦିନ ରାମର ବାଡ଼ରେ ପଶିଲେ । ମଡ଼ମାଡ଼ କରି ଆଖୁ ଭାଙ୍ଗି ଖାଇବାକୁ ଲାଗିଲେ । ରାତିର ଶେଷ ପହର ହେଲାଣି । ରାମ ଆଖିକି ଗାଢ଼ ନିଦ ଲାଗି ଯାଇଥାଏ । ଯେମିତି ମଡ଼ମାଡ଼ ଶବଦ ହେଲା, ଚାଉଁକିନା ତାର ନିଦ ଭାଙ୍ଗିଗଲା । ଭାଲୁ ପଶିଗଲେ ଭାବି ଧଡ଼ପଡ଼ ହୋଇ ଉଠି ଗୋଟିଏ ନିଆଁହୁଳା ଧରି ହୋ ହା କରି ପାଟିକଲା । ପାଟି ଶୁଣି ଓ ନିଆଁହୁଳା ଦେଖି ଭାଲୁ ଦୁଇଟି ଧାଇଁବାକୁ ଲାଗିଲେ ।

କିନ୍ତୁ ସେତେବେଳକୁ ପାହାନ୍ତିଆ ହୋଇ ଯାଇଥାଏ । ଭାଲୁମାନଙ୍କ ଉପରେ ଗାଁ ଲୋକଙ୍କର ତ ରାଗଥାଏ । ତେଣୁ ରାମର ପାଟି ଯେମିତି ଶୁଣିଲେ, ଗାଁ ଲୋକେ ଠେଙ୍ଗାବାଡ଼ି ଧରି ଭାଲୁ ଦୁଇଟିକୁ ମାରିବା ପାଇଁ ଗୋଡ଼ାଇଲେ । ଗୋଟିଏ ଭାଲୁ ସେମାନଙ୍କ ଠାରୁ ଖସି କୁଆଡ଼େ ଚାଲିଗଲା । ଆଉ ଗୋଟିଏ ଭାଲୁ ପ୍ରାଣ ବିକଳରେ ଦଉଡ଼ି ଯାଇ ଦଇବ ଯୋଗକୁ

Digitized by srujanika@gmail.com

ରାମର ଘର ଭିତରେ ହିଁ ପଶିଗଲା । ତାକୁ ଦେଖି ଘରେଥିବା ଲୋକେ ଘୁନଆ ହୋଇ ପଦାକୁ ପଳେଇଲେ । ଭାଲୁଟି ଯେମିତି ଖସି ଚାଲି ନ ଯିବ, ସେଥିପାଇଁ ଲୋକେ ଘର ଦୁଇପଟୁ ଶିକୁଳି ଲଗାଇଦେଲେ ।

ତା ପରେ କେତେ ଲୋକ ଘର ଉପରେ ଚଢ଼ି ଚାଲ କଣା କରି ଭାଲୁଟିକୁ ମାରିଦେବା ପାଇଁ ଚେଷ୍ଟା କଲେ । କିନ୍ତୁ ଅନେକ ସମୟ ବିତିଗଲା । ପଛେ କେହି ତାକୁ ମାରିପାରିଲେ ନାହିଁ । କବାଟ ଖୋଲି ଭାଲୁର ମୁହାଁମୁହିଁ ହେବାକୁ ମଧ୍ୟ କେହି ସାହସ କଲେ ନାହିଁ ।

ରାମର ବାଡରେ ପଶି ତ ଅନେକ ଆଖୁ ଭାଙ୍ଗି ଦେଇଥିଲା । ଶେଷରେ ତାର ଘର ଭିତରେ ହିଁ ପଶି ହଇରାଣ କରୁଥିବା ଦେଖି ଭାଲୁ ଉପରେ ସେ ବହୁତ ରାଗି ଯାଇଥିଲା । ଦେଖିଲା ଭାଲୁଟିକୁ କେହି ମାରିପାରୁ ନାହାନ୍ତି । ତେଣୁ ତାର ରାଗ ଆହୁରି ମୁଣ୍ଡକୁ ଚଢ଼ିଗଲା । କହିଲା—"ଆରେ ହେ ! ତମେ ସବୁ ମାଇଚିଆଯାକ । ତମେ କଣ କେହି ତାକୁ ମାରି ପାରିବ ? ହେଇ ଦେଖ, ଏହି ଠେଙ୍ଗାରେ ପିଟି ପିଟି ମୁଁ ଆଜି କେମିତି ତାକୁ ଶେଷ କରି ଦେଉଛି"।

ଏହା କହି ଗୋଟିଏ ମସ୍ତବଡ ଠେଙ୍ଗା ଧରି ଧାଇଁଲା । ଗାଁ ଲୋକେ ଯେତେ ମନାକଲେ ମଧ୍ୟ ଶୁଣିଲା ନାହିଁ । ତାକୁ ସାହାଯ୍ୟ କରିବା ପାଇଁ ବି କେହି ଆଗୁଆ ହୋଇ ବାହାରିଲେ ନାହିଁ ।

Digitized by srujanika@gmail.com

ତେଣେ ଭାଲୁଟି ତ ପାଗଳ ହୋଇ ଘର୍ଘର କରୁଥିଲା । ରାମ ଧାଇଁଯାଇ ଯେମିତି ଘର ଖୋଲି ଭିତରକୁ ପଶିଗଲା, ଭାଲୁଟି ପଛ ଦୁଇ ଗୋଡରେ ଠିଆ ହୋଇ ଖେଁ ଖେଁ ହୋଇ ତା ଆଡକୁ ମାଡ଼ି ଆସିଲା । ଠିକ୍ ସେତିକିବେଳକୁ ରାମ ଠେଙ୍ଗାରେ ଦେଲା ପାହାରେ । ଯେମିତି ପାହାର ବାଜିଲା, ଭାଲୁଟି ଘିଡଘାଡ ହୋଇ ତଳେ ପଡ଼ିଗଲା । ସାଙ୍ଗେ ସାଙ୍ଗେ ପୁଣି ଉଠି ତା ଉପରକୁ ମାଡ଼ି ଆସିଲା । ବାଜିଲା ଏମଣିକୁ ପୁଣି ପାହାରେ । ଘିଡ୍ଘାଡ୍ ହୋଇ ଆଉଥରେ ଭାଲୁ ପଡ଼ିଗଲା । ଭାଲୁଟି ପୁଣି ତର ତର ହୋଇ ଉଠି ଫୁ ଫୁ କରି ରାମ ମୁହଁକୁ ଲାଳ ଓ ଛେପ ଫିଙ୍ଗିବାକୁ ଲାଗିଲା । ସେ ସବୁ ଆଖି ଭିତରେ ଯେମିତି ପଡ଼ିଲା, ତାକୁ ଆଉ କିଛି ଦେଖାଗଲା ନାହିଁ । ହାତରୁ ଠେଙ୍ଗାଟି ଖସିଗଲା । ସମସ୍ତେ "ମରିଗଲା" "ମରିଗଲା" ବୋଲି ରଡ଼ି ଛାଡିଲେ । କିନ୍ତୁ କେହି ଟିକିଏ ସାହାଯ୍ୟ କରିବାକୁ ସାହସ କଲେ ନାହିଁ ।

ସେହି ସୁଯୋଗରେ ଭାଲୁଟି ତାକୁ ମାଡି ବସିବାକୁ ଗଲା । କିନ୍ତୁ ହଠାତ୍ ରାମର ପୋଷା କୁକୁରଟି କୁଆଡେ ଥିଲା କେଜାଣି, ଧାଇଁ ଆସି ତାର ଲାଞ୍ଜଟିକୁ ଧରି କାମୁଡିବାକୁ ଲାଗିଲା । ସେ ପୁଣି କଣ ହେଲାକରେ ବୋଲି ଛାନିଆ ହୋଇ ଭାଲୁଟି ରାମକୁ ଛାଡ଼ି ପ୍ରାଣ ବିକଳରେ ଧାଇଁବାକୁ ଲାଗିଲା ।

ବାହାରେ ତ ଲୋକେ ରୁଣ୍ଡ ହୋଇଥିଲେ । ତାକୁ ଦେଖି ଭୟରେ ଯେ ଯୁଆଡେ ପାରିଲେ ଧାଇଁଲେ । ଭାଲୁ ମଧ୍ୟ ବାଟରେ ଯାହାକୁ ପାଇଲା, ତାକୁ ରାମ୍ପୁଡ଼ି ଆମ୍ପୁଡ଼ି

Digitized by srujanika@gmail.com

ଘାଇଲା କରି ଧାଇଁଲା । ହେଲେ ରାମୁର କୁକୁର ତାକୁ ଛାଡ଼ନ୍ତି କେଉଁଠି ? ତାକୁ ଦେଖି ଗାଁର ସବୁ କୁକୁରଯାକ ଏକାଠି ହୋଇ ଭୁଉ ଭୁଉ କରି ଭାଲୁକୁ ଘେରିଗଲେ । ବିଚରା ଭାଲୁଟି ଯିବାକୁ ଆଉ ବାଟ ପାଇଲା ନାହିଁ । ଏପଟକୁ ସେପଟକୁ ଧାଇଁବାକୁ ଲାଗିଲା ।

ତାହା ଦେଖି ଗାଁର ଗୋଟିଏ ଟୋକା ମୁନୁ, ସାହସ ବାନ୍ଧି ପାଟିକରି କହିଲା—ଭାଇମାନେ ତମକୁ ଲାଜ ଲାଗୁନାହିଁ ।

ପଶୁମାନଙ୍କ ବୁଦ୍ଧି ମଧ୍ୟ ତୁମଠି ନାହିଁ ? ଯାହା ହେଲା ତ ହେଲା ଏଥର ମୋ ପଛରେ ସମସ୍ତେ ଆସ । "ଭାଲୁ ଆମଠୁ କିପରି ବଳିଯିବ ଦେଖିବା । ସମସ୍ତେ ମିଶି ତାକୁ ଶେଷକରି ଦେବା ।"

Digitized by srujanika@gmail.com

ଏଥର ତା କଥାରେ ସାହସ ପାଇ ଦଶ ବାରଜଣ ଭେଣ୍ଡିଆ ଟୋକା ବାହାରି ପଡ଼ିଲେ । ସତକୁ ସତ ସମସ୍ତେ ମିଶି ଭାଲୁଟିକୁ ପିଟି ପିଟି ମାରିଦେଲେ ।

ମନୁର ବୁଦ୍ଧି ଓ ସାହସ ଦେଖି ସମସ୍ତେ ତାକୁ ବାହାବା କଲେ । କହିଲେ--"ପିଲାଟିଏ ହେଲେ କଣ ହେଲା, ଭାରି ସାହସୀ । ଆମର ଆଖି ଖୋଲି ଦେଲା" । ତେଣୁ ପିଲେ ମନେରଖ, ଏକାଠି ହୋଇ ସାହସର ସହିତ କାମ କଲେ ଯେତେ କଷ୍ଟ କାମ ହେଲେ ମଧ୍ୟ ସହଜ ହୋଇଯାଏ । ତେଣୁ କଥାରେ ଅଛି—ଯୋଡାକୁ ଘୋଡା ସରି ନୁହେଁ ।

Digitized by srujanika@gmail.com

ପୁଅର ସେପରି ଢଙ୍ଗଢାଙ୍ଗ ଦେଖି ବାପାଙ୍କର ଭାଲେଣି ପଡ଼ିଲା । ସେ ଦିନେ ସ୍ତ୍ରୀଙ୍କୁ କହିଲେ—"ଦେଖ୍ ଉମା, ମୁଁ ଭାବୁଥିଲି ଟିମୁ ପାଠ ପଢ଼ି ବଡ ଲୋକ ହେବ । କିନ୍ତୁ ସେ ପଢ଼ୁନି ତ ପଢ଼ୁନି । ଘରେ ମଧ୍ୟ ଠିକ୍ ଭାବେ ରହୁନି । ନାନା ଅଳିଆ ଘରକୁ ଆଣୁଛି ।"

ଉମା କହିଲେ—"ହଉ, ନ ପଢ଼ିଲେ ନ ପଢ଼ୁ । ପିଲାଳିଆ ବୁଦ୍ଧି । ଏଇନେ ସିନା କିଛି ଜାଣୁନି । ଆଉ କେଇଟା ବର୍ଷ ଯାଉ ଦେଖିବ, ମୋ' ପୁଅ ସଭିଙ୍କଠୁ ଟପିଯିବ । ବହୁତ ପଇସା କମେଇବ ।"

ବାନାମ୍ବର ଆଉ କ'ଣ କହିବେ । ପିଲାବେଳୁ ତ ପୁଅର ମୁହଁ ବଢ଼େଇ ଦେଇଛନ୍ତି । ଚୁପ୍ ରହନ୍ତି ।

ଦିନକର କଥା । ଟିମୁ ଘରକୁ ଆସିଲା ବେଳକୁ ରାତି ବାରଟା ବାଜି ଗଲା । ବାନାମ୍ବର ରାଗରେ ଦାନ୍ତ କଡମଡ କଲେ । କିନ୍ତୁ ଉମା ପୁଅକୁ ଟାଣି ନେଇଗଲେ ଅନ୍ୟ ଘରକୁ । ମାଛ, ଭାତ ବାଢ଼ିଦେଲେ । ଟିମୁ ପେଟେ ଖାଇଦେଇ ଶୋଇ ପଡ଼ିଲା । ଉଠିଲା ତା ପର ଦିନ ଘଡ଼ି ଆଠଟାରେ । ସେତେ ବେଳକୁ ବାନାମ୍ବର ନିଜର ସକାଳୁଆ କାମ ଶେଷକରି ଦେଇଥାନ୍ତି । ପୁଅକୁ ଦେଖି ପଚାରିଲେ —"ବାପ ! ସବୁଦିନେ ତୁ ଡେରିରେ ଘରକୁ ଆସୁଛୁ । ଏତେ ସମୟ ଯାଏ ଶୋଇ ରହୁଛୁ । ପାଠ ନାହିଁ କି ଶାଠ ନାହିଁ । ସବୁଦିନେ 'ଏମିତି

Digitized by srujanika@gmail.com

ଅଳସୁଆ ହେଲେ କେମିତ ପାଠ ପଢ଼ି ବଡ଼ଲୋକ ହେବୁ କହିଲୁ ?"

ଟିମୁର ତ ମୁହଁ ବଢ଼ି ଯାଇଥାଏ । ସେ ଚଟାପଟ ଉତ୍ତର ଦେଲା—"ତମକୁ କ ଲୋଡ଼ା । ମୁଁ ଯାହାପାରୁ ତାହା ହେବ ।"

ବାନାମ୍ବର ତ ଏକାବେଳେ ନିଆଁ ବାଣ ହୋଇଗଲେ । ଆଉ ସହି ପାରିଲେନି । ଦେଲେ ଠାଏକିନା ଚଟକଣିଟିଏ । ଉମା ବାଡ଼ିଆଡେ ଥିଲେ । ଧାଇଁ ଆସି ସ୍ୱାମୀଙ୍କ ଉପରେ ଚଢ଼ିଗଲେ । କହିଲେ—"ମୋ ପୁଅକୁ ହାତ ଦେବା ପାଇଁ ତମେ କିଏ ମ ? ଏତିକ ବୋଲି ପିଲାଟିଏ । ସେ କଣ ବୋଇତ ବଣିକ କରିଯିବ ଯେ ପାହାନ୍ତିଆରୁ ଉଠିବ" ? ଏହା କହି ପୁଅକୁ ବାଡ଼ିଆଡକୁ ନେଇଗଲେ ।

ପୁଅ ଉପରେ ବାପାଙ୍କର ଏହା ଥିଲା ପ୍ରଥମ ଚଟକଣି । କିନ୍ତୁ କଣ ହେବ ? ତେଣେ ମା ତ ମୁହଁ ବଢ଼େଇ ଦେଇଥାନ୍ତି । ଟିମୁ ଆଉ ବାପାଙ୍କ ମାଡ ସହୁଛି କେତେକେ ? ତେଣୁ ଆଉ ଘରେ ରହିବନି ବୋଲି ଠିକ୍ କଲା । ମା'ଙ୍କ ଠାରୁ ଶହେଟି ଟଙ୍କା କୌଣସିମତେ ହାତମାରଣା କରି କାହାକୁ କିଛି ନ କହି ଟିକଟ କାଟିଲା କଲିକତାକୁ । ବାପା ମା ଅନେଇଥାନ୍ତି ପୁଅ ଆସିବ ବୋଲି । କିନ୍ତୁ ଆଉ ଅଛି ଯେ ଆସିବ । ରାତି ପାହିଗଲା । ବହୁତ ଖୋଜା ଖୋଜି କଲେ । କିନ୍ତୁ ଟିମୁର ପତ୍ତା ମିଳିଲାନି । ସେତେବେଳେ ଯାଇ ସେମାନଙ୍କ ମନରେ ଚେତା ପଶିଲା । କିନ୍ତୁ ସେତେବେଳକୁ ନେଡଗୁଡ କହୁଣୀକୁ ବହି

Digitized by srujanika@gmail.com

ଗଲାଣି । କ'ଣ ହେବ ଆଉ । ଦୁହେଁ ବହୁତ କାନ୍ଦିଲେ । ତୁନି ହୋଇ ରହିଲେ ।

ତେଣେ ଟିମୁ ଯେମିତ ହାବଡ଼ା ଷ୍ଟେସନରେ ପହଞ୍ଚିଲା, ଦୁଇ ତିନୋଟି ଟୋକା ତା' ପଛରେ ଲାଗିଗଲେ । ଜବରଦସ୍ତି ତା' ଜାମା ପକେଟରୁ ଟଙ୍କାତକ ଛଡ଼େଇ ନେଲେ । ନୂଆ ଜାଗା । କ'ଣ କରିବ ? କାହାକୁ କହିବ ? କିଏ ସାହା ଅଛି ନା ଭରସା ଅଛି ? କାନ୍ଦି କାନ୍ଦି ଏଣେ ତେଣେ ବୁଲୁଥାଏ । ଭୋକରେ ପେଟ ଜଳୁଥାଏ । କେହି ଟିକିଏ ଆହା କରୁନାହାନ୍ତି । ସେହିପରି ଭୋକ ଶୋଷରେ ଦିନସାରା ବୁଲି ବୁଲି ବହୁ କଷ୍ଟରେ ଗୋଟିଏ କଲଖିଆ ଦୋକାନରେ ବାସନ ସଫା କରିବା ପାଇଁ ରହିଲା । ଭାବିଲା—"ଏଥର ମଉଜରେ ଚଳିଯିବ । ବାପାଙ୍କଠାରୁ ଆଉ ମାଡ଼ ଖାଇବାକୁ ପଡ଼ିବନି ।"

ହେଲେ କୁକୁର ଲାଙ୍ଗୁଡ଼ ସଳଖ ହେଉଛି କେଉଁଠି ? ସେଦିନ ଶୋଉ ଶୋଉ ରାତି ଗୋଟାଏ ବାଜି ଯାଇଥିଲା । ଆଗରୁ ତ ଡେରିରେ ଉଠିବାର ଅଭ୍ୟାସ ଥିଲା । ତେଣୁ ଉଠିଲା ବେଳକୁ ସକାଳ ଆଠଟା ବାଜିଗଲା । ଧଡ଼ପଡ଼ ହୋଇ ଉଠି ଧାଇଁଲା ଦୋକାନକୁ ।

ସେତେବେଳକୁ ଦୋକାନରେ ଗରାଖ ଲାଗିଗଲେଣି । ମାଲିକ ତାକୁ ପଚାରିଲେ —"କିରେ ଟୋକା ! ଏତେବେଳଯାଏ କୁଆଡ଼େ ଯାଇଥିଲୁ" ? ବେପରୁଆ ଢ଼ଙ୍ଗରେ ଟିମୁ କହିଲା—"ଶୋଇ ପଡ଼ିଥିଲି ।"

Digitized by srujanika@gmail.com

ଏଇ ପଦକ କଥା ତା ପାଟିରୁ ବାହାରିଛି କି ନାହିଁ, ବାଜିଲା ଢ଼ାଇ ଢ଼ାଇ ଦ ଚଟକଣି । ତା’ ସାଙ୍ଗେ ସାଙ୍ଗେ ଶୁଭିଲା—“ଏ ପୁଅ ! ଏଇଟା ତୋ ବୋପାର ଘର ନାହିଁ ଯେ, ସକାଳ ଆଠଟାଯାଏ ଶୋଇବୁ । ଜାଗ୍ରତ । କାଲିକି ଯଦି ଭୋରୁ ତୋତେ ଏଇଠି ନ ଦେଖିବି, ତେବେ ଗାଲ ଦି’ଟା ଫଟେଇ ଦେବି । ଯା’ ପ୍ରେଟ ଉଠା” ।

ଟିମକୁ ଚାରିଆଡ଼ ଅନ୍ଧାର ଦେଖାଗଲା । ଭାବିଲା— “ଯେଉଁଥିପାଇଁ ବାପା ଗୋଟିଏ ଚଟକଣି ମାରିଥିଲେ ବୋଲି ରାଗରେ ଘର ଛାଡ଼ି ଚାଲି ଆସିଥିଲି, ସେଇଥିପାଇଁ ଜଣେ ଅଜଣା ଲୋକଠାରୁ ଦୁଇଟି ଖାଇଲି ! ଆହୁରି କଣ ଯେ ନ ହେବ କିଏ କହିବ ? ମୁଁ ଯଦି ଅଳସୁଆ, ଅମାନିଆ ନ ହୋଇ ବାପା ମା’ଙ୍କ କଥା ମାନି ଭଲ ପଢ଼ିଥାନ୍ତି, ଏମିତ ଅବସ୍ଥା କାହିଁକି ଭୋଗିଥାନ୍ତି ? ଏହା ଭାବି ଘରକୁ ଫେରିଯିବା ପାଇଁ ଠିକ୍ କଲା ।”

ତା ପରେ ବେଳକାଳ ଉଣ୍ଡି ହୋଟେଲରୁ କୌଣସି ମତେ ଖସି ଆସିଲା । ଗାଡ଼ି ଧରି ଘରକୁ ଫେରିଲା । ସେତେ- ବେଳକୁ ବାପା ଅଗଣାରେ ବସି ପୁଅ କଥା ହିଁ ଭାବୁଥିଲେ । ଟିମ୍ ତାଙ୍କୁ ଦେଖି ଧାଇଁ ଯାଇଁ କାନ୍ଦି କାନ୍ଦି ଗୋଡ଼ତଳେ ଲୋଟିଗଲା । କହିଲା—“ବାପା ମୋର ଭୁଲ ହୋଇ ଯାଇଛି । କ୍ଷମା କରିଦିଅ । ମୁଁ ଏଣିକି ବଗଲିମି କରିବି ନାହିଁ କି ଅଳସୁଆ ହେବି ନାହିଁ । ମନଦେଇ ପାଠ ପଢ଼ିବି ।”

Digitized by srujanika@gmail.com

ଚଟକଣି ବୁଦ୍ଧି ଶିଖାଇଲା



ବାନାମ୍ବରଙ୍କ ଗୋଟିଏ ବୋଲି ପୁଅ ଟିମୁ । ବାପା ମା ବଡ ଗେଲବସରରେ ତାକୁ ବଢ଼େଇ ଥା'ନ୍ତି । ସେ ଯେତେ ଯାହା ଦୁଷ୍ଟାମି କଲେ ମଧ୍ୟ କିଛି କହନ୍ତିନି । ଦିନକୁ ଦିନ ଟିମୁର ବହପ ବଢ଼ି ଚାଲିଥାଏ । ସକାଳେ କଣ ଟିକିଏ ପାଟିରେ ପକେଇ ଦେଇ ସ୍କୁଲକୁ ଯିବ ବୋଲି କୁଆଡେ ଉଡ଼ିଆଁ ମାରିଦିଏ । ଦି'ପହର ଯାଏ ଦେଖା ମିଳେନି । ଖାଇବା ବେଳ ହେଲେ ଆସି ଗଣ୍ଡେ ଖାଇଦେଇ ପୁଣି ଚାଲିଯାଏ । ଫେରେ ରାତି ଅଧକୁ । ଖାଇଦେଇ ଶୋଇପଡ଼େ । ଉଠେ ସକାଳ ଆଠଟାରେ । ଦେଖୁ ଦେଖୁ ତାକୁ ଦଶ ବାର ବର୍ଷ ହୋଇଗଲା । କିନ୍ତୁ ଟିମୁ ଟିକିଏ ହେଲେ ବଦଳିଲା ନାହିଁ ।

Digitized by srujanika@gmail.com

ପୁଅର ହଠାତ୍ ମନ ବଦଳିବା ଦେଖି ବାନାମ୍ବର ଆନନ୍ଦରେ ତାକୁ କୁଣ୍ଢେଇ ପକାଇଲେ । ସେହିଦିନ ଠାରୁ କେବଳ ଖେଳିବା ସମୟ ଛଡ଼ା ଅନ୍ୟ ସମୟରେ ଝିମୁକୁ ବାହାରେ କେହି ଦେଖିଲେ ନାହିଁ ।

ତେଣୁ ପିଲେ—ଖେଳିବା ବେଳେ ଖେଳିବ ଖେଳ
ପଢ଼ିବା ବେଳେ ପଢ଼,
ଗୁରୁଜନଙ୍କ କଥା ମାନିଲେ
ହୋଇବ ଅତି ବଡ଼ ।

Digitized by srujanika@gmail.com

ବାବନା ଭୂତର ହସ

ରମୁ ଓ ଝିମୁ ଦୁଇ ସାଙ୍ଗ । ଦୁହେଁ ତୃତୀୟ ଶ୍ରେଣୀରେ ପଢ଼ୁଥାନ୍ତି । ସ୍କୁଲ ସମୟ ହୋଇଗଲେ ବହି ବସ୍ତାନି ଧରି ଘରୁ ବାହାରି ପଡନ୍ତି । ବାପା ମା ଭାବନ୍ତି ପୁଅମାନେ ସ୍କୁଲକୁ ଗଲେ । କିନ୍ତୁ ଦୁଇ ସାଙ୍ଗ ଲୁଚି ଲୁଚି ଚାଲିଯାନ୍ତି ଗାଁଠୁ ଟିକିଏ ଦୂରରେ ଥିବା ଆମ୍ବ ତୋଟାକୁ । ଗୋଟିଏ ଗଛ କୋରଡରେ ବହି ରଖି ଦେଇ ଆରମ୍ଭ କରି ଦିଅନ୍ତି ଦୁଷ୍ଟାମି । ଡାଳ ମାଙ୍କୁଡ଼ଠାରୁ ବାବନା ଭୂତ ଯାଏ କେତେ କ'ଣ । ସେମାନେ ଲୁଚି ଲୁଚି ସେହି ତୋଟା ବାଟେ ଯିବା ଲୋକମାନଙ୍କ ଉପରକୁ ବାଲି, ଗୋଡ଼ି ଫିଙ୍ଗନ୍ତି । ଆମ୍ବ ଖାଇ ଟାକୁଆ ଫିଙ୍ଗନ୍ତି । ଭୂତପ୍ରେତଙ୍କ ପରି ଭୟଙ୍କର ରଡି ଛାଡନ୍ତି । ତାହା

Digitized by srujanika@gmail.com

ଶୁଣି ବାଟୋଇମାନେ ଭୟରେ ଇମିତ ଦଉଡନ୍ତି ଯେ ପଛକୁ ଚାହିଁବାକୁ ତର ମିଳେନ ।

ଦିନକର କଥା । ଦୁହେଁ ଆମ୍ବ ତୋଟାରେ ସେପରି ଦୁଷ୍ଟାମି କରୁ କରୁ ସଞ୍ଜବେଳ ଗଡ଼ିଗଲା । ବରଷା ଦିନ । ଅନ୍ଧାର ରାତି । ମୁହଁକୁ ମୁହଁ ଦିଶୁ ନ ଥିଲା । ହଠାତ୍ ଦୂରରୁ କିଏ ଜଣେ ଆସୁଥିବା ଶବଦ ଶୁଣାଗଲା । ରାମୁ କହିଲା— "ଟିମ୍, ହେଇଟି ଦେଖେ । ମୁଁ ଏ ଗଛ ଉପରେ ଚଢ଼ି ଯାଉଛି । ତୁ ଗଛ ପଛପଟେ ଲୁଚି ଯା । ଲୋକଟି ଯେମିତି ପାଖକୁ ଆସିବ, ତୁ ଭୂତ ଭୂତ ବୋଲି ତାକୁ କୁଣ୍ଢାଇ ପକାଇବୁ । ତା ପରେ ମୁଁ ମୋର କାମ ଆରମ୍ଭ କରିଦେବି । ଦେଖିବା କେମିତି ମଜା ହେବ" ।

"ଠିକ୍ ଅଛି" — ଟିମ୍ କହିଲା ।

ଦୁହେଁ ଯେ ଯାହାର ଜାଗାରେ ଛପିଗଲେ । ଟିମୁ କାନଡେରି ରହିଥାଏ । ଶବଦଟି ଯେମିତି ଗଛ ପାଖକୁ ଆସିଗଲା ସେ ହଠାତ୍ ବାହାରି ପଡ଼ି "ମରିଗଲି ଲୋ ମା, ଭୂତ ଖାଇଦେଲା ଲୋ" ବୋଲି ରଡ଼ିଟାଏ ଛାଡ଼ି ଧାଇଁ ଆସି ଲୋକଟିକୁ ଜାବୁଡ଼ି ଧରି ପକାଇଲା । ସେତେବେଳେ ରାମୁ ଗୋଟିଏ ବିକଟାଳ ରଡ଼ି ଛାଡି ବାଲି, ଗୋଡ଼ି ସାଙ୍ଗ ସାଙ୍ଗ ଫିଙ୍ଗିବାକୁ ଲାଗିଲା । ଭାବିଥିଲି ଲୋକଟି ଡରିମରି ଧାଇଁବ । ସେମାନେ ତା ପଛରେ ଗୋଡେଇ ମଉଜ ଦେଖିବେ ।

Digitized by srujanika@gmail.com

କିନ୍ତୁ ଇଏ କଣ ? ଲୋକଟି ଉତ୍ତର ନଦେଇ, ଇମିତ ଏକ ବିକଟାଳ ହସ ହସିଲା ଯେ ଆମ୍ବ ତୋଟାଟା ଯାକ ଥରି ଉଠିଲା । ଟମ୍ ଏକାବେଳକେ ତାଟକା ହୋଇ ଧାଇଁବାକୁ ଲାଗିଲା । କିନ୍ତୁ ଲୋକଟି ତାଠୁ ବଳକା ଚଲାକ । ତାର ଲମ୍ବା ଲମ୍ବା ହାତ ଦୁଇଟି ବଢ଼େଇ ତାକୁ ଟାଣି ଆଣି କହିଲା— "କିରେ ଟମ୍ ! କୁଆଡେ ଦଉଡ଼ି ଗ୍ଲୁଲ ଯାଉଛୁ ? ବହୁତ ଦିନ ପରେ ତୋତେ ପାଇଛୁ । ଟିକିଏ ଦୁଃଖ ସୁଖ ହେବାକୁ ଭାବିଛୁ । ତୋ ସାଙ୍ଗ ରାମୁ କାହିଁ କି ରେ ? ବଦମାସ ଟୋକା ଗଛ ଉପରେ ଚଢ଼ି ପ୍ରହସନ କରୁଛି ନା ? ଆରେ ହେ ! ମୁଁ ତ ବାବନା ଭୂତ । ମୋତେ ପୁଣି ତମେ ସବୁ ମେଣ୍ଟ ଟୋକା ଭୂତ ହୋଇ ଡରେଇବ" ?

ଏହା ଶୁଣି ଟମ୍ ଗୋଟାପଣେ ଥରିବାକୁ ଲାଗିଲା । ଗଛ ଉପରେ ରହି ରାମୁ ସବୁ ଶୁଣୁଥିଲା । ତାର ମଧ୍ୟ ପିଲେହି ପାଣି ହୋଇଗଲା । ସେତିକିବେଳେ ହଠାତ୍ ଗୋଟିଏ ବାଲୁଆ ହାତ ଲମ୍ବି ଆସି ତା ବେକଟାକୁ ଧରି ଶୂନ୍ୟେ ଶୂନ୍ୟେ ଟେକି ତଳକୁ ନେଇଗଲା । ଛାନିଆରେ ରାମୁର ଲୁଗାପଟା ଓଦା ହୋଇଗଲା ।

ତାର ସେ ଅବସ୍ଥା ଦେଖି ଲୋକଟି ପଚାରିଲା— "କିରେ ମୋତେ ଚିହ୍ନି ପାରୁନୁ ? ମୁଁ ପରା ତୋ ମାମୁ ଘର ଗାଁର ଦାମ ଭାଇନା" ?

Digitized by srujanika@gmail.com

ତାହା ଶୁଣିବା କ୍ଷଣି ରାମୁର ତଣ୍ଟି ଶୁଖିଗଲା । ପାଟି ଅଠା ଅଠା ହୋଇଗଲା । ଭୟରେ ଗୋଟାପଣେ ଥରିବାକୁ ଲାଗିଲା । ତା ପରେ କାଉ୍ କାଉ୍ ହୋଇ କହିଲା—"କ···କ··· ଅଣ···ହେଲା ? ତ····· ତ····· ତ ମେ ଦା···ଦା···ଦାମ ଭାଇନା ? ମି···ମି··ମିଛ କ·· କଥା । ସେ ତ ମା ··ମା··· ମାସେ ତ···ତ · ତଳେ ମ··ମ···ମରି ଗ··ଗଲେଣି" ।

'ହଁ ରାମୁ । ତୁ ଯାହା କହିଲୁ ସତ । କିନ୍ତୁ କଣ କହିବ । ତୁମମାନଙ୍କ ପରି ପିଲା ବଅସରେ ମୁଁ ବି ବଡ ବଗଲା ଥିଲି । ବାପା, ମା, ଗୁରୁଜନମାନଙ୍କ କଥା ନ ଶୁଣି ପାଠ ନ ପଢ଼ି ବଡ ଦୁଷ୍ଟାମି କରୁଥିଲି । ଏଣୁ ଏବେ ମୋର ଏହି ଦଶା । ବାବନା ଭୂତ ହୋଇ ଏଣେ ତେଣେ ଘୂରି ବୁଲୁଛି । ଖାଇବାକୁ ମିଳୁନା କି ପିଇବାକୁ ମିଳୁନି । ଯେଉଁଠିକି ଯାଉଛି ମାର ମାର ଧର ଧର କରୁଛନ୍ତି । ଭୋକରେ ପେଟ ଜଳୁଛି । ଶୋଷରେ ତଣ୍ଟି ଶୁଖି ଯାଉଛି । ସେତେବେଳେ ସିନା କାହାକୁ ନ ମାନି ଦୁଷ୍ଟାମି କରୁଥିଲି । ଏବେ ମନରେ ବଡ କଷ୍ଟ ଲାଗୁଛି । କିନ୍ତୁ କଣ ହେବ ? ଲେଢ଼ଗୁଡ ତ କହୁଣିକୁ ବହି ଗଲାଣି । ଆଉ ଭାବିଲେ କି ଲାଭ" । ଏତିକି କହି ଲମ୍ବା ନିଃଶ୍ବାସଟିଏ ମାରି ତୁନି ତହିଲା ।

ବାବନା ଭୂତର କଥା ଶୁଣି ରାମୁ ଓ ଟିମୁ ତାଟକା ହୋଇ ରହିଲେ । ସେ ଭାବିଲେ—ସତ କଥା ତ ।

Digitized by srujanika@gmail.com

ଆମେ ବାପା, ମା ଓ ଗୁରୁଜନଙ୍କୁ ଠକ୍କ କେତେ ଭୁଲ ନ କରୁଛୁ । ଆମର ମଧ୍ୟ ଦଶା କଣ ହେବ କେଜାଣି । ଏହା ଭାବି ଇଏ ତା ମୁହଁକୁ ସିଏ ମ୍ଥା ମୁହଁକୁ ଚାହିଁଲେ । ସେତିକି ବେଳେ ବାବନା ଭୂତ ଆଉ ଥରେ ବକଟାଳ ହସଟିଏ ହସି ସର୍‌ର କିନା କେଉଁ ଆଡ଼େ ଉଭେଇଗଲା ।

ରାମୁ ଓ ଟିମୁ ବହି ବସ୍ତାନି ଧରି ଘରକୁ ଫେରିଲେ । ସେହିଦିନ ଠାରୁ ସେମାନଙ୍କୁ ଶୋଟାରେ ଆଉ କେହି କେବେ ଦେଖିଲେ ନାହିଁ । ତା' ପରେ ଦୁହେଁ ଇମିତି ମନ କାନ ଦେଇ ପାଠ ପଢ଼ିଲେ ଯେ, ଶ୍ରେଣୀରେ ସେମାନଙ୍କୁ ଆଉ କେହି ଟପି ପାରିଲେ ନାହିଁ ।

Digitized by srujanika@gmail.com

ବିଧିର ବିଧାନ, କେ କରିବ ଆନ



ଶିହଳାର ପଣ୍ଡିତ ରାମ ରଥଙ୍କୁ କିଏ ନ ଜାଣେ ? ସେ ଯେମିତି ମେଳାପି ଥିଲେ, ସେମିତି ସରଳ ମଧ୍ୟ ଥିଲେ । ତାଙ୍କର ହସ ହସ ମୁହଁ ଓ ମଉଜିଆ କଥାରେ ପିଲାଠୁ ବୁଢ଼ା ଯାଏଁ ସମସ୍ତେ ଖୁସି ହୋଇ ଯାଉଥିଲେ । ସେ ଖଣ୍ଡ ମଣ୍ଡଳରେ ତାଙ୍କୁ ସଭିଏଁ ରାମୁ ଅଜା ବୋଲି ଡାକୁଥିଲେ ।

ତାଙ୍କର ଗୋଟିଏ ବୋଲି ପୁଅ -- ଗଙ୍ଗାରାମ । ପିଲାବେଳୁ ମା' ଛେଉଣ୍ଡ । ବାପାଙ୍କର ଆଦର ପାଇ ବଡ଼ ହେଲା । ପଣ୍ଡିତେ ପୁଅର ବାହାଘର କରି ବୋହୂଟିଏ ଘରକୁ ଆଣିଲେ । ଭାବିଥିଲେ ପୁଅ ବୋହୂର ଆଦର ସେବା ପାଇ ବଳକା ଦିନତକ ସୁଖରେ କଟେଇ ଦେବେ । କିନ୍ତୁ ତାଙ୍କ ଭାଗ୍ୟରେ

Digitized by srujanika@gmail.com

ସେତକ କୂଟିଲ୍ନାହିଁ । ପୁଅଠୁଁ ଟିକିଏ ଆଦର ପାଉଥିଲେ ବି, ବୋହୂଟି ଛୁଛି ଘୃଣା କରେ । ତାର ସେପରି କଥାରେ ରାମୁ ଅଜା କିଛି କହନ୍ତି ନାହିଁ । କିନ୍ତୁ ଚିନ୍ତା କରି କରି ଶେଷରେ ତାଙ୍କ ଦେହ ଖରାପ ହୋଇଗଲା । ଯାହା ଟିକିଏ ପେଟକୁ ଯାଏ ସବୁ ବାନ୍ତି ହୋଇଯାଏ । ପାଣି ଟିକିଏ ପେଟରେ ରହେନା । ଦେଖୁ ଦେଖୁ ଏତେ ବଡ଼ ମଣିଷଟି ହାଡ଼ କଙ୍କାଳ ସାର ହୋଇଗଲେ । ଶେଯରୁ ଉଠି ପାରିଲେ ନାହିଁ ।

ପୁଅ କେତେ ଆଉ କେତେ ଡାକ୍ତର ଆଣି ଦେଖେଇଲେ । ଅନେକ ପ୍ରକାର ଔଷଧ ଦେଲେ । କିନ୍ତୁ କିଛି ଫଳ ହେଲାନାହିଁ । ସମସ୍ତେ ଆଶା ଛାଡ଼ିଦେଲେ । ତଥାପି ରାମୁ ଅଜାଙ୍କର ମନରେ ଦୁଃଖ ନ ଥାଏ । କିଏ ଦୁଃଖକରି କିଛି କହିଲେ କହନ୍ତି—"ଆରେ ଭାଇ ! ମଣିଷ ସଂସାରକୁ ଆସିଛି, ପୁଣି ଦିନେ ନା ଦିନେ ପଳେଇବ । କିଏ ରଖି ପାରିବନି । ତେଣୁ ସେଥିରେ ଦୁଃଖ କରିବାର କଣ ଅଛି ?" ଏହା କହି ରାମ ନାମ ଭଜନ କରିବାରେ ଲାଗିଯାନ୍ତି ।

ତାଙ୍କର ଶେଷ ସମୟରେ ତାଙ୍କୁ ଦେଖିବା ପାଇଁ ବନ୍ଧୁ, ବାନ୍ଧବ, ସାଙ୍ଗସାଥି ଅନେକ ଆସିଲେ । ଦିନେ ତାଙ୍କର ପିଲାବେଳର ଜଣେ ସାଙ୍ଗ ହରି ପଧାନେ ତାଙ୍କୁ ଦେଖିବାକୁ ଆସିଲେ । ସାଙ୍ଗକୁ ଦେଖି ରାମୁ ଅଜାଙ୍କର ଖୁସି କହିଲେ ନ ସରେ । ଇଚ୍ଛାହେଲା ଶେଯରୁ ଉଠି ତାଙ୍କୁ ଟିକିଏ କୁଣ୍ଢେଇ

Digitized by srujanika@gmail.com

ପକେଇଲେ । କିନ୍ତୁ ବଳ କାହିଁ ଯେ ଉଠିବେ ? ପାଖରେ ବସିବାକୁ ହାତ ଦେଖାଇଲେ ।

ପଧାନେ ରମୁ ଅଜାଙ୍କ ଶେଯ ଉପରେ ବସି ପଡ଼ିଲେ । ଦୁଇ ସାଙ୍ଗ ମନ ଖୋଲି ଗପ କଲେ । ଗପ କରୁ କରୁ ହଠାତ୍ ଅଜାଙ୍କର ପବନ ଉଠିଲା । କଥା କହି ପାରିଲେନି । ଆଖି ବୁଜି ପଡ଼ି ରହିଲେ ।

ସେତେବେଳେ ତାଙ୍କର ପୁଅ ବୋହୂ ମଧ୍ୟ ପାଖରେ ଥିଲେ । ବାପାଙ୍କର ଅବସ୍ଥା ଦେଖି ଗଙ୍ଗା ଧାଇଁ ଯାଇ ଔଷଧ ପୁଡ଼ିଆଟିଏ ଆଣି ଖୋଇଦେଲା । ପଣ୍ଡିତେ ଟିକିଏ ପରେ ଶୋଇ ପଡ଼ିଲେ । ସେତେବେଳକୁ ବହୁତ ରାତି ହୋଇ ଯାଇଥିଲା । ପଧାନେ ଯିବାକୁ ବାହାରି ପଡ଼ିଲେ । ଗଙ୍ଗା ଓ ତା ସ୍ତ୍ରୀ ତାଙ୍କୁ ଟିକିଏ ବଳେଇ ଦେବା ପାଇଁ ଦାଣ୍ଡ ପିଣ୍ଡାଯାଏ ଗଲେ ।

ପିଣ୍ଡା ତଳେ ଥୁଆ ହୋଇଥିବା ଗଦାଏ ଶୁଖିଲା କାଠ ଉପରେ ହଠାତ୍ ପଧାନଙ୍କର ଆଖି ପଡ଼ିଗଲା । ତାଙ୍କୁ ସେହି ଗଦା ଆଡ଼େ ଚାହିଁବା ଦେଖି ଗଙ୍ଗାର ସ୍ତ୍ରୀ ହସି ହସି କହିଲା—

"ମଉସା, ଏହି କାଠତକ ପରା ମୁଁ ସ୍ବାଙ୍କୁ କହି ଜମା କରି ରଖିଛୁ । ଘରେ ଚାଉଳ, ଡ଼ାଲି, ଘିଅ ମଧ୍ୟ ଠିକ୍ କରି ରଖିଛୁ । ବୁଢ଼ାଙ୍କର କେତେବେଳେ କଣ ହେବ କିଏ କହିବ ? ଅଣ୍ଡ ବଳିଲେ ଆଉ ଦି ତିନି ଦିନ । ତେଣୁ ଆଗରୁ ସବୁ ଠିକ୍ କରି ରଖି ଦେଇଛୁ ।"

Digitized by srujanika@gmail.com

ରାମ ରଥେ ଓ ହରି ପଧାନେ ପିଲାବେଳୁ ଭାରି ସାଙ୍ଗ ଥିଲେ । ଦିହେଁ ଦିହିଁଙ୍କୁ ବଡ଼ ଭଲ ପାଉଥିଲେ । ରାମୁ ଅଜାଙ୍କର ପିଲାବେଳର କଥା ପଧାନଙ୍କ ମନେ ପଡ଼ିଗଲା । ଲମ୍ବା ନିଃଶ୍ୱାସଟିଏ ଛାଡ଼ି ପଧାନେ ଘରକୁ ଫେରିଲେ । କଟକରେ ତାଙ୍କର ବଣିଜ ବେପାର ଥିଲା । ତା ପର ଦିନ ଚାଲିଗଲେ ।

ଛ ମାସ ପରେ ପଧାନେ ପୁଣି ଗାଁକୁ ଆସିଲେ । ସଞ୍ଜ ବେଳେ ରାମୁ ଅଜାଙ୍କ ଘରକୁ ଯାଇ ଦେଖି ଆସିବାକୁ ମନ କଲେ । କିନ୍ତୁ ହଠାତ୍ ଅଜା ଗୋଟିଏ ବଙ୍କୁଲି ବାଡ଼ି ଧରି ଠକୁ ଠକୁ କରି ତାଙ୍କ ଘର ଭିତରକୁ ପଶି ଆସିଲେ । ତାଙ୍କୁ ଦେଖି ପଧାନଙ୍କ ଖୁସି କାହିଁରେ କଣ ହୋଇଗଲା । ଧାଇଁ ଯାଇ ଅଜାଙ୍କୁ କୁଣ୍ଢେଇ ପକାଇ ଚଉକି ଉପରେ ବସେଇ ଦେଲେ ।

"ଆରେ ହରି ! ମୁଁ ସବୁବେଳେ ତୋତେ ମନେ ପକାଏ । ତେଣୁ ତୁ ଆସିବା ଖବର ପାଇ ଦେଖା କରିବାକୁ ଚଲେଇ ଆସିଲି ।" ରାମୁ ଅଜା ହସି ହସି କହି ବସି ପଡ଼ିଲେ ।

ପଧାନେ ସାଙ୍ଗକୁ ଦେଖି ବଡ଼ ଖୁସି ହୋଇଗଲେ ସତ । କିନ୍ତୁ ଏଡ଼େ ବଡ଼ ରୋଗରୁ ଭଲ ହୋଇ ଏତେ ଦୂର ଚାଲି କରି କପରି ଆସିଲେ ! ତାହା ଭାବି କାବା ହୋଇ ତାଙ୍କୁ ଅନେଇ ରହିଲେ ।

ସାଙ୍ଗର ମନ କଥା ଜାଣିପାରି ରାମୁ ଅଜା କହିଲେ— "ଆରେ ହରି, ତୁ ତାଟକା ହୋଇଥିବୁ ଏଡ଼େ ବଡ଼ ରୋଗରୁ

Digitized by srujanika@gmail.com

ମୁଁ କିମିତି ବଞ୍ଚିଗଲି ବୋଲି, ନୁହେଁ ? ଭାଇ ଏ ସବୁ ଭଗବାନଙ୍କ ଲୀଳା । ତାଙ୍କର ଲୀଳା ଭିତରେ ମଣିଷ କଣ ପଶି ପାରିବ ?"

"ହେଲେ ରାମୁ ଭାଇ ! ତୁ କେମିତି ଭଲ ହେଲୁ କହିଲୁ । ଶୁଣିଲେ ମୋ ମନରେ ଟିକିଏ ଶାନ୍ତି ମିଳିବ"— ପଧାନେ ପଚାରିଲେ ।

"ଭାଇ ! ତୁ ଚାଲିଯିବାର ଦି ଦିନ ପରେ ଜଣେ ବାବାଜୀ ଆସିଥିଲେ । ପୁଅଠାରୁ ମୋର ରୋଗ କଥା ଶୁଣି କଣ ଗୋଟିଏ ଚେର ମୂଳିକା ଦେଲେ କେଜାଣି, ତିନି ପାନ ଖାଇଛି କି ନାହିଁ ତ ଭଲ ହୋଇଗଲି" ହସି ହସି ରାମୁ ଅଜା କହିଲେ । କିନ୍ତୁ ପରେ ପରେ ହଠାତ୍ ତାଙ୍କର ମୁହଁ ଶୁଖିଗଲା । ଲୁହରେ ଆଖି ଛଳ ଛଳ ହୋଇଗଲା ।

ପଧାନେ ତାହା ଦେଖି ତାଟକା ହୋଇଗଲେ । ପଚାରିଲେ—ଭାଇ ! ତୋର ଦେହ ତ ଭଲ ହୋଇ ଗଲାଣି । ପୁଣି କାନ୍ଦୁଛୁ କାହିଁକି ?

"ନା ଭାଇ ! ମୁଁ ମରିଯାଇଥିଲେ ଭଲ ହୋଇଥାନ୍ତା । କିନ୍ତୁ ମୋର ଘରର ଲକ୍ଷ୍ମୀଟି ହଠାତ୍ ଚାଲିଗଲା ।" ରାମୁ ଅଜା କାନ୍ଦି କାନ୍ଦି କହିଲେ ।

"କଣ ହେଲା ? ଗଙ୍ଗାର ଭାରିଯା ଚାଲିଗଲା ?" ପଧାନେ କାବା ହୋଇଗଲେ ।

Digitized by srujanika@gmail.com

ତାଙ୍କୁ ଆଉ କିଛି କହିବାକୁ ନ ଦେଇ ରାମୁ ଅଜା କହି ଚାଲିଲେ—"ବୁଝିଲୁ ଭାଇ ! ମୋତେ ପୋଡ଼ିବା ପାଇଁ ସେ ଯେଉଁ କାଠ ରଖିଥିଲି, ଗଙ୍ଗା ସେଇଥିରେ ତାକୁ ପୋଡ଼ିଦେଲା । ଭଗବାନଙ୍କ ଲୀଳା ବଡ଼ ବିଚିତ୍ର ।"

"ବିଧିର ବିଧାନ, କେ କରିବ ଆନ ।" ହରି ପଧାନେ ଗୁଣୁ ଗୁଣୁ ହୋଇ କହୁଥିଲେ । ରାମୁ ଅଜା ତାହା ଶୁଣି ନ ଶୁଣିଲା ପରି ମୁହଁ ତଳକୁ କରି ବସିଥିଲେ ।

Digitized by srujanika@gmail.com

ଅଜାଙ୍କ ବାହାଦୁରୀ



ପ୍ରତିବର୍ଷ ଜିତୁ ଖରାଛୁଟିରେ ହେଉ କିମ୍ବା ଦଶହରା ଛୁଟିରେ ହେଉ କୁଆଡ଼େ ହେଲେ ଗୋଟିଏ ନୂଆଁ ଜାଗାକୁ ବୁଲିଯାଏ । କେବେ ଶିକ୍ଷକଙ୍କ ସାଙ୍ଗରେ ତ କେବେ ବାପା ମା'ଙ୍କ ସାଙ୍ଗରେ । କିନ୍ତୁ ଏହି ବର୍ଷ ଦଶହରା ଛୁଟିରେ ତାକୁ କେହି କୁଆଡେ ନେଲେ ନାହିଁ । ତେଣୁ ତା ମନ ଭାରି ଖରାପ ହେଲା । ଭାବିଲା– 'ଘରେ ବସି ବସି କଣ କରିବ ? ତେଣୁ ଯେମିତି ହେଲେ କୁଆଡେ ଯିବାକୁ ହେବ ।"

ସେମିତି ବସି ଭାବୁଥାଏ, ହଠାତ୍ ତାର ଅଜା ବ୍ରହ୍ମପୁରରୁ ଆସି ପହଞ୍ଚିଗଲେ । ତାଙ୍କୁ ଦେଖି ଜିତୁର ଖୁସି କହିଲେ ନ

Digitized by srujanika@gmail.com

ସରେ । ଧାଇଁ ଯାଇ ଅଜାଙ୍କୁ କୁଣ୍ଢେଇ ପକାଇଲା । ଅଜା ମଧ୍ୟ ଖୁସିରେ ତାକୁ କୋଳେଇ ନେଲେ ।

କିନ୍ତୁ ପରେ ପରେ ତାର ମୁହଁ ପୁଣି ଶୁଖିଗଲା । ତାର ସେମିତି ଶୁଖିଲା ମୁହଁ ଦେଖି ଅଜା ପଚାରିଲେ –"କିରେ ! ମୁହଁଟାକୁ ଏମିତି କଲାହାଣ୍ଡି ପରି କାହିଁକି କରିଦେଲୁ ?"

"ଅଜା ମୋର ମନଟା ଆଜି କାହିଁକି କିଛି ଭଲ ଲାଗୁ ନାହିଁ ।" ଜିତୁ କହିଲା ।

"କଣ ହେଲା କିରେ ?" ଅଜା କଥିଁ ଲେଇ ପଚାରିଲେ ।

"କଥା କଣ କି ଅଜା ! ପ୍ରତି ବର୍ଷ ଛୁଟି ଦିନମାନଙ୍କରେ ମୁଁ କେଉଁଠିକି ହେଲେ ବୁଲିବାକୁ ଯାଏ । ନୂଆଁ ନୂଆଁ ଜାଗା ଦେଖେ । ନୂଆଁ ନୂଆଁ କଥା ଶିଖେ । କିନ୍ତୁ ଏହି ବର୍ଷ ମୋତେ କିଏ କୁଆଡେ଼ ନେଇ ନାହାନ୍ତି । ସମସ୍ତେ ଖାଲି କାମରେ ମାତିଛନ୍ତି । ତେଣୁ ମନଟା ମୋର ଭଲ ଲାଗୁ ନାହିଁ ।" ଜିତୁ ମୁହଁ ଫୁଲେଇ କହିଲା ।

"ଓଃ ! ଏଇ କଥା ତ । ଠିକ୍ ଅଛି ତୁ କାଲି ସକାଳୁ ସଜ ହୋଇଯା । ତୋତେ ନନ୍ଦନକାନନ ନେଇ ବୁଲେଇ ଆଣିବି ।" ଅଜା କହିଲେ । ଜିତୁ ଖୁସିରେ ହେଣ୍ଡି ମାରିଲା ।

ତା ପରଦିନ କେହି ନ ଉଠୁଣୁ ସେ ଉଠି ତିଆରି । ଭଉଣୀ ଜୁଲିକୁ ମଧ୍ୟ ଉଠେଇ ଦେଲା । ଦୁହେଁ ଅଜାଙ୍କ ସାଙ୍ଗରେ ବାହାରି ପଡ଼ିଲେ । ବସ୍ ଧରି ଚାଲିଲେ ନନ୍ଦନକାନନ ।

Digitized by srujanika@gmail.com

ବାଟରେ ଜତ୍ତୁ ପଚ୍ଚାରିଲା—“ଅଜା ! ନନ୍ଦନକାନନରେ ବାଘ, ଭାଲୁ ସବୁ ଖୋଲା ଲୁହା ବାଡ଼ରେ ବୁଲନ୍ତି ବୋଲି ମୁଁ ଶୁଣିଛି । ଆମେ ବୁଲୁ ବୁଲୁ ଯଦି ସେମାନଙ୍କ ହାବୁଡରେ ପଡ଼ିଯିବା, ତେବେ କଣ ହେବ ?”

“ତେବେ ଗୁଡ ହେବ । ସେମାନେ ମୋତେ ବଳିପିବେ କିପରି ? ତୁମେମାନେ ଟିକିଏ ହେଲେ ଡରିବନି । ମୁଁ ତୁମ ପାଖରେ ତ ଥିବି, କଣ କରିଦେବେ ଦେଖିବ ।” ଅଜା ବାହାଦୁରୀ ଦେଖେଇ କହିଲେ ।

ଜିତୁ ଓ ଜଲି ଖୁସି ହୋଇଗଲେ । ଦେଖୁ ଦେଖୁ ବସ୍ ଯାଇ ନନ୍ଦନକାନନରେ ପହଞ୍ଚିଗଲା । ଅଜା ଟିକଟ କାଟି ନାତି ନାତୁଣୀଙ୍କୁ ଧରି ଭିତରକୁ ଗଲେ । ବିରାଟ ଚଉଡ଼ା ଖୋଲା । ନାନା ଜାତିର ପଶୁ ପକ୍ଷୀରେ ଭରପୂର । ହରିଣ, କୁଆଦ, ଶମ୍ବର, ଗୟଳ, ଗଣ୍ଡା, ଜଳହାତୀ, ଚମରୀ ଗାଈ, ଜିରାଫ, କଙ୍ଗାରୁ, ଜେବ୍ରା, ନୀଳ ଗାଈ, ଠେକୁଆ ଆଦି ନାନା ପ୍ରକାର ପଶୁଙ୍କୁ ଦେଖି ଦେଖି ଯାଇ ପହଞ୍ଚିଲେ ପିଲାଙ୍କ ଖେଳ ପଡ଼ିଆରେ । ସେଠାରେ ପିଲାଙ୍କ ରେଳଗାଡ଼ିରେ ବସି ଘିରି ଘିରି ବୁଲିଲେ । ତା’ ପରେ ପହଞ୍ଚିଲେ ହ୍ରଦ କୂଳରେ । ସେଥିରେ ଥିବା କଳ ଡଙ୍ଗାରେ ବସି ବହେ ବୁଲିଲେ । ସେତିକିରେ ଦିନ ଗୋଟାଏ ବାଜିଗଲା । ଖୁବ୍ ଭୋକ ହେଲା । ପଡ଼ିଆକୁ ଫେରି ଗୋଟିଏ ଗଛ ଛାଇରେ ବସି ଘରୁ ନେଇଥିବା ଚୂଡ଼ାଚକଟା ଟିକେ ଖାଇଦେଇ ପୁଣି ବାହାରି ପଡ଼ିଲେ ।

Digitized by srujanika@gmail.com

ଏଥର ନାନା ଜାତିର ପକ୍ଷୀ ଦେଖିବାକୁ ମିଳିଲା । ରାଜ-ହଂସ, ପାତିହଂସ, ଚଡକ, ବଗ, ଗେଣ୍ଡାଳିଆ, ନାଲି, ହଳଦୀ, ଶାଗୁଆ ରଙ୍ଗର ନାନା ଜାତିର ଚଢ଼େଇ ଓ ଶୁଆ, ମୟୂର, କୋଇଲି, ବଣ କୁକୁଡ଼ା, ଗରୁଡ଼, କଜଳପାତି, ରଣି, ବଣି, ହଳଦୀ ବସନ୍ତ ଆଦି ଦେଶ ବିଦେଶର ବହୁ ପକ୍ଷୀ ଦେଖି ଦେଖି ପହଞ୍ଚିଲେ ଆଉ ଏକ ସ୍ଥାନରେ । ସେଠାରେ ଦେଖିଲେ ମସ୍ତବଡ଼ ବଡ଼ ଓଟ ପକ୍ଷୀ । ତା ପରେ କିଛି ଦୂର ଯାଇ ଦେଖିଲେ ମସ୍ତବଡ଼ କୁମ୍ଭୀର । ସେଠାରୁ କିଛି ଦୂରରେ ଦେଖିଲେ ହାତୀ, ଓଟ, ଘୋଡ଼ା ପଲ ପଲ ବୁଲୁଛନ୍ତି । ଜିତୁ ହାତୀକୁ କଦଳୀଟିଏ ବଢ଼େଇ ଦେଲା । ହାତୀଟି ତାକୁ ଶୁଣ୍ଢରେ ନେଇ ଖାଇଦେଇ ପୁଣି ତାଙ୍କ ଆଡ଼କୁ ଶୁଣ୍ଢଟି ବଢ଼େଇ ଦେଲା । ଜୁଲି ଏଥର ଶୁଣ୍ଢରେ ପଚିଶ ପଇସିଟିଏ ରଖିଦେଲା । ହାତୀଟି କିନ୍ତୁ ତାକୁ ନଖାଇ ପିଠିରେ ବସିଥିବା ମାହୁନ୍ତ ହାତକୁ ବଢ଼େଇ ଦେଲା । ତାହା ଦେଖି ଭାଇ ଭଉଣୀଙ୍କ ଖୁସୀ କହିଲେ ନ ସରେ । ପଶୁ ହେଲେ କଣ ହେଲା । କେତେ ବୁଦ୍ଧି । ତାର ଦେଖାଶୁଣା ଯିଏ କରୁଛି ତା ପ୍ରତି କେତେ ଭକତି ।

ସେଠାରୁ ଯାଇ ଦେଖିଲେ ଭାଲୁ ପଲ ପଲ ହୋଇ ଗୋଟିଏ ବାଡ଼ ଭିତରେ ବୁଲୁଛନ୍ତି । ତା ପରେ ଭିନ ଭିନକା ସାପ—ଅଜଗର, ଅହିରାଜ, ଗୋଖର, ନାଗ, ବୋଡ଼ା, ଚିଟି, ଢ଼ାମଣା, ଦୁଇମୁଣ୍ଡିଆ, ଲାଉଏଣ୍ଡା ଆଦି କାହିଁରେ କଣ । ନାନା ପ୍ରକାର ମାଙ୍କଡ, ବଣ ମଣିଷ, ଗରିଲା ମଧ୍ୟ ଦେଖିଲେ । ବଣ ମଣିଷର ଖେଳ ଦେଖି ଦୁହେଁ ସେଠାରେ ବହୁତ ସମୟ

Digitized by srujanika@gmail.com

ଅଟକି ଗଲେ । ଯେତେବେଳକୁ ବହୁତ ବେଳ ହୋଇ ଯାଇଥାଏ ।

ଅଜା କହିଲେ—"ପିଲେ ! ଚାଲ, ସମୟ ହୋଇ ଗଲାଣି । ଶେଷରେ ବାଘ, ସିଂହ ଦେଖି ଚାଲିଯିବା । କିନ୍ତୁ ମନେରଖ – ଲୋକଙ୍କୁ ଦେଖିଲେ ବାଘ, ସିଂହ ଗାଁଉ ଗାଁଉ ହୋଇ ଉପରକୁ ମାଡ଼ି ଆସନ୍ତି । ତୁମେମାନେ ବିଲ୍‌କୁଲ ଡରିବ ନାହିଁ । "ମୁଁ ତୁମ ପାଖରେ ଅଛି । ସେମାନେ କିଛି କରିପାରିବେନି ।"

ଅଜାଙ୍କ କଥା ଶୁଣି ଜିତୁ ଓ ଜଲି ହସିଲେ । ଅଜିକାଲିକାର ପିଲା ତ । ଓଳିଅଲୁ ଗଜା । ସେମାନଙ୍କର ଡର କାହାକୁ ଭୟ କାହାକୁ ? କହିଲେ—"ଅଜା ! ବାଘ, ସିଂହ ତ ହାଲୁମାନଙ୍କ ପରି ଲୁହା ବାଡ ଭିତରେ ଥିବେ । ସେମାନେ କଣ କରିଦେବେ ଯେ ଆମେ ଡରିବୁ ?"

"ନାହିଁ ପିଲେ । ତୁମେ ତ ସବୁ ଗ୍ରେଟ୍‌·ପିଲା । ସେଠି ସବୁ ଲୁହା ବାଡର ଉପରଟା ଖୋଲା । କାଳେ ଉପର ଆଡ଼େ ଡେଇଁ ଆସିଯିବେ ବୋଲି ଡରିଯିବ । ତେଣୁ ଆଗରୁ ସାବଧାନ କରିଦେଲି ।" ଅଜା ବାହାଦୂରୀ ଦେଖେଇ କହିଲେ ।

ତା ପରେ ତିନିହେଁ ଚାଲିଲେ ସିଂହ ସଫାରିକୁ । ବଡ଼ାଟ ବଡ଼ାଟ ସିଂହ, ସିଂହାଳି ପଲ ପଲ ହୋଇ ବୁଲୁଥିଲେ । ସେମାନଙ୍କୁ ଦେଖିସାରି ପହଞ୍ଚିଲେ ବାଘ ସଫାରିରେ । ବାପ୍‌ରେ ବାପ୍ ! କେତେ ବାଘ ! ସାଲୁ ସାଲୁ ହୋଇ

Digitized by srujanika@gmail.com

ବୁଲୁଥିଲେ । ମହାବଳ, ଚଣ୍ଡା, କଲରା ପତ୍ତରିଆ ଆହ୍ଵ କେତେ କଣ । ଅଜା ପୁଣି ସତର୍କ କରି ଦେଲେ—"ପିଲେ ବିଲ୍‌କୁଲ୍‌ ଡରିବନି ।"

ସେ ସବୁ ଦେଖିସାରି ପହଞ୍ଚିଲେ ଧଳା ବାଘ ବାଡ ପାଖରେ । ସେତେବେଳେ ଜିତୁ ମହାବଳ ବାଘଥିବା ବାଡ଼ ଭିତରକୁ ଗୋଟିଏ ଗୋଡ଼ ଫିଙ୍ଗିଦେଲା । ଦେଖ ତାର ରାଗ । ଗାଉଁ ଗାଉଁ ହେଇ ଦାନ୍ତ କାଢ଼ି ଭୟଙ୍କର ରଡ଼ି ଛାଡ଼ି ମହାବଳ ଦଉଡ଼ି ଆସିଲା ଲୁହାବାଡ ପାଖକୁ । ଅଜା ସେତେବେଳେ ଏକ ଲୟରେ ଧଳା ବାଘ ଦେଖୁଥିଲେ । ଯେମିତି ମହାବଳ ବାଘର ରଡ଼ି ତାଙ୍କ କାନରେ ପଡ଼ିଲା, ଚମକି ପଡ଼ିଲେ । ଠିଆରେ ଏକ ହୋଇଗଲା । ତା ପରେ "ମରିଗଲି ଲୋ ମା" ବୋଲି ରଡ଼ିଟିଏ ଛାଡ଼ି ଦଉଡ଼ିଲେ ।

"ଅଜା ଡ଼ରନି ଡ଼ରନି । ମହାବଳ ତ ଲୁହା ବାଡ଼ ଭିତରେ ଅଛି । କିଛି କରିପାରିବନି ।" ଜିତୁ ଯେତେ ପାଟି କରି କହିଲେ ମଧ୍ୟ ଅଜାଙ୍କ କାନକୁ ଆଉ ଶୁଭୁଛି କେଉଁଠି ? କଣ୍ଟ ଫିଟି, ପଡ଼ି ଉଠି, ମାରିଲେ ଡ଼ିଆଁ ଯେ, ଆଉ ପଛକୁ ଚାହିଁବାକୁ ତର ମିଳିଲାନି । ଜିତୁ, ଜୁଲି ଆଉ କଣ କରିବେ । ସେମାନେ ମଧ୍ୟ ତାଙ୍କ ପଛେ ଦଉଡ଼ିଲେ । ଏକା ନିଃଶ୍ୱାସରେ ଅଜା ଯାଇ ପହଞ୍ଚିଲେ ବସ୍‌ ପାଖରେ । କିଛି ସମୟ ପରେ ନାତି ନାତୁଣୀ ଦୁହେଁ ମଧ୍ୟ ସେଠାରେ ପହଞ୍ଚିଲେ । ସେମାନଙ୍କୁ ଦେଖି ଅଜା କୁଣ୍ଢାଇ ପକାଇ ପଚାରିଲେ—"ପିଲେ ! ବାଘ ତୁମକୁ କିଛି କରିନାହିଁ ତ ?"

Digitized by srujanika@gmail.com

ଅନ୍ୟ ଦୁର୍ବଳ ପଶୁ ଉପରେ ହିଂସା କରି ମାଡଧର କରେ, ତେବେ ମୋତେ ଆସି ଜଣେଇଲେ ମୁଁ ତାକୁ ଉଚିତ ଦଣ୍ଡ ଦେବି ।"

ସିଂହରାଜାର କଥା ଶୁଣି ଅଳପ କେତେକଙ୍କୁ ଛାଡ଼ିଦେଲେ ବାକି ସବୁ ପଶୁ ଆନନ୍ଦରେ ନାଚି ଉଠିଲେ । ରାଜାଙ୍କର ଜୟ ହେଉ ବୋଲି ତାଳି ମାରି ଆକାଶ ପାତାଳ କମ୍ପେଇ ଦେଲେ । ତା ପରେ ଖୁସିରେ ଯେ ଯାହାର ବସାକୁ ଫେରିଲେ ।

କେତେ କାଳ ସେମିତି ସୁଖରେ କଟିଗଲା । ରାଜାଙ୍କ କଡ଼ା ଆଦେଶ । ବିନା କାରଣରେ ଗରୀବ ପଶୁଙ୍କୁ ମାରିବାକୁ ହେବନି । ବଞ୍ଚି ରହିବା ପାଇଁ ଯେତିକି ଲୋଡ଼ା ସେତିକ ମାତ୍ର ମାରିବ । ତେଣୁ ଗରୀବ ପଶୁମାନଙ୍କୁ ମାରି ଧରି ବାଘ, ଭାଲୁ, ଗଧିଆ ଆଦି ଯେତେ ପଶୁ ମଉଜରେ ରହିଥିଲେ, ସେମାନଙ୍କୁ ଆଉ କିଛି ମିଳିଲାନି । ବିଲୁଆ, କୋକିଶିଆଳି ପରି ଯେଉଁମାନେ କିଛି କାମ ଧାମ ନ କରି ଏଣେ ତେଣେ ବୁଲି ଅନ୍ୟର ଶିକାର ଉପରେ ନିର୍ଭର କରି ମଉଜରେ ଚଳିଯାଉଥିଲେ, ସେମାନଙ୍କୁ ବି କିଛି ମିଳିଲାନି ।

ତେଣୁ ସେମାନଙ୍କ ମନରେ ଭାରି ଚିନ୍ତା ପଡ଼ିଗଲା । ସେହି ବିଷୟ ବିଚାର କରିବା ପାଇଁ ଦିନେ ମହାମନ୍ତ୍ରୀ ବାଘ ଗୋଟିଏ ଗୁପତ ସଭା ଡକାଇଲା । ସେଥିରେ ଭାଲୁ, ଗଧିଆ, ବିଲୁଆ ଓ କୋକିଶିଆଳି ଆଦି ଚାରି ମନ୍ତ୍ରୀମାନେ ଯୋଗ ଦେଲେ । ଆଗପରି କିପରି ମଉଜରେ ଚଳିବେ ସେହି ବିଷୟରେ

Digitized by srujanika@gmail.com

ଜୋର୍ ସୋର୍‌ରେ ଆଲୋଚନା ହେଲା । କୋକଶିଆଳ ତ ବଡ଼ ଚତୁର । ସେ ଆଗୁଆ ହୋଇ କହିଲା—"ଭାଇମାନେ ! କିଛି ଚିନ୍ତା କର ନାହିଁ । ମୋତେ ଟିକିଏ ସାହସ ଦିଅ । ମୁଁ ସବୁ ଠିକ୍ ଠାକ୍ କରିଦେବି ।"

ସଭିଏଁ ଏକ ସ୍ୱରରେ ରାଜି ହୋଇଗଲେ । ତା ପରେ କୋକଶିଆଳ ସିଧା ଚାଲିଲା ପଶୁରାଜାଙ୍କ ପାଖକୁ । ଗୋଟିଏ ଲମ୍ବା ଚଉଡ଼ା ଜୁହାର ପକେଇ କହିଲା—"ମହାରାଜ ! କାଲିକି ଆମେମାନେ ଏକ ଭୋଜି କରୁଛୁ । ବଣର ସବୁ ପଶୁ ପକ୍ଷୀ ମୋତେ ପଠେଇଛନ୍ତି ଆପଣଙ୍କୁ ଡାକିବା ପାଇଁ । ଆପଣ ରାଜି ହେଲେ ଆମେ ସବୁ ଖୁସି ହେବୁ ।"

"ଠିକ୍ ଅଛି । ଭୋଜିକି ମୁଁ ନିଶ୍ଚୟ ଯିବି ।" ସିଂହ କହିଲା ।

କୋକଶିଆଳ ଖୁସିରେ ଡିଆଁଟିଏ ମାରି ଚାଲିଗଲା । ସମସ୍ତଙ୍କୁ ସେହି ଖବର ଦେଇଦେଲା । ତା ପରେ କହିଲା—"ଦେଖ ଭାଇମାନେ ! କାଲିକି ମହାରାଜା ଆମର ଅତିଥି ହୋଇ ଆସିବେ । ତେଣୁ ମହାମନ୍ତ୍ରୀଙ୍କ ଆଦେଶ—ବାଜା, ବାଜଣା ବଜେଇ, ପଟୁଆର କରି ତାଙ୍କୁ ଆଣିବାକୁ ହେବ । ସେଥିପାଇଁ ଠେକୁଆ, ହରିଣ, କୁଟୁରିମାନେ ଦଳ ବଳ ଧରି ଯିବେ । ବାଘ, ଭାଲୁ, ହେଟା, ଗଧିଆ ଭୋଜି ଜାଗାରେ ରହି ଭୋଜି କାମ ଦେଖିବେ ।"

Digitized by srujanika@gmail.com

ତାହା ଶୁଣି ଠେକୁଆ, ହରଣ, କୁଟୂରା ଆଦି ନିରୀହ ପଶୁମାନଙ୍କ ଖୁସି କହିଲେ ନ ସରେ । ଆଜଯାଏ ସେମାନଙ୍କୁ କେହି ପଚାରୁ ନଥିଲେ । ଏବେ ଯେତେବେଳେ ସୁବିଧା ମିଳିଛି ଛାଡ଼ିବେ କାହିଁକି ? ଚାରିଆଡେ କଥାଟି ପ୍ରଚାର ହୋଇଗଲା । ଯେଉଁଠି ଯେତେ ହରିଣ, ଠେକୁଆ, କୁଟୁରା

ଥିଲେ ଆସି ଜୁଣ୍ଡ ହୋଇଗଲେ । କିନ୍ତୁ ସେହି କଥାଟି କେତେକ ବୁଢ଼ା ବୁଢ଼ୀ ପଶୁଙ୍କୁ ଭଲ ଲାଗିଲାନି । ତା ପଛରେ କିଛି ରହସ୍ୟ ଥିବାପରି ସେମାନଙ୍କୁ ଲାଗିଲା । କିନ୍ତୁ ସେମାନଙ୍କ କଥା ଶୁଣୁଛି କିଏ ? ତହିଁ ଆରଦିନ ସକାଳୁ ଅଳ୍ପ କେତେ ବୁଢ଼ା ବୁଢ଼ୀଙ୍କୁ ଛାଡ଼ିଦେଇ ସମସ୍ତେ ବାହାରି ପଡ଼ିଲେ ସିଂହ ରାଜାକୁ ପାଗ୍ରେଟି ଆଣିବା ପାଇଁ ।

ତେଣେ କୋକିଶିଆଳ ଆଗରୁ ଯାଇ ସିଂହରାଜା ପାଖରେ ଧଇଁ ସଇଁ ହୋଇ ହାଜର । ତାର ସେ ଅବସ୍ଥା ଦେଖି

Digitized by srujanika@gmail.com

ରାଜା ପଚାରିଲେ—"କିହୋ ! ଏତେ ଅତରଛୁଆ କାହିଁକି ? କଅଣ ହେଲା ?"

"ମଣିମା ! ଦେଖନ୍ତୁ, ଦେଖନ୍ତୁ ! ଆପଣଙ୍କୁ ମାରିବା ପାଇଁ ସେହି ବଦମାସଗୁଡାକ ମେଳ ହୋଇ କିପରି ଏଠାକୁ ମାଡ଼ି ଆସୁଛନ୍ତି ?" କୋକିଶିଆଳ କହିଲା ।

"କଣ ପାଇଁ ସେମାନେ ଏପରି ଠିକ୍ କରିଛନ୍ତି ?" ସିଂହ ପଚାରିଲା ।

"ମଣିମା କଣ କହିବି ? ଆଜି ଭୋଜି ପାଇଁ ଅଧିକା କେତୋଟି ହରିଣ, କୁଟ୍ରା, ଠେକୁଆ ମାରି ଆଣିବା ପାଇଁ ଆମ କଟିଆଳ ଯାଇଥିଲା । କିନ୍ତୁ ଗୋଟିଏ ହେଲେ ଅଧିକା ନେଇ ପାରିବ ନାହିଁ ବୋଲି କହି ସେମାନେ ସବୁ ମେଳି ହୋଇ ତାଙ୍କୁ ମାରିଦେଲେ । ତା ପରେ ଏ ସବୁ ଆପଣଙ୍କ ନାଟ ବୋଲି ଭାବି ଏହି ଆଡକୁ ମାଡ଼ି ଆସୁଛନ୍ତି ।" କୋକିଶିଆଳ ଏହା କହି ଲାଙ୍ଗୁଳି ପଛ ଗୋଡ ସନ୍ଧିରେ ମାରି ଛାନିଆ ହେଲା ପରି ରହିଲା ।

ସିଂହ ରାଜା ପଚାରିଲା—"ତେବେ ଆମ ମନ୍ତ୍ରୀ, ସେନାପତି ସବୁ କୁଆଡେ ଗଲେ ? ଏହି ଛାର ପଶୁଗୁଡାକୁ ସେମାନେ କ'ଣ ଜବତ କରିପାରିଲେନି ?"

"ମହାରାଜ ! ସେମାନଙ୍କ ପାଖରେ ଏମାନେ କେତେ ? ହେଲେ ଆପଣଙ୍କ ଉପରେ ପରି ସେମାନେ କିଛି କରିପାରୁ

Digitized by srujanika@gmail.com

ନାହାନ୍ତି । ଯଦି କହିବେ ତେବେ ଏହିକ୍ଷଣି ଏମାନଙ୍କୁ ସାବାଡ଼୍ କରିଦେବି ।" କୋକିଶିଆଳି ଏତିକି କହି ରାଜାଙ୍କ ମୁହଁକୁ ଚାହିଁ ରହିଲା ।

ସେତିକିବେଳକୁ ନିରୀହ ପଶୁପଲଗୁଡ଼ିକ ପାଖକୁ ଆସିଗଲେ । ଆନନ୍ଦ କୋଳାହଳରେ ଆକାଶ ଫାଟି ପଡ଼ିଲା । ତାହା ଦେଖି ସିଂହ ରାଜାର ଛାତି ଧଡ଼ପଡ଼ ହେଲା । ଭାବିଲା—"ଏତେ ଆସୁଛନ୍ତି ! କାଳେ ସତେ ମାରିଦେବେ ! ପ୍ରଜା ମେଳିକୁ ରାଜାମେଳି ସରି ନୁହେଁ । ଏହା ଭାବି କୋକିଶିଆଳିକୁ କହିଲା—"ଠିକ୍ ଅଛି । ଏମାନଙ୍କୁ ସାବାଡ଼୍ କରିବା ପାଇଁ ମହାମନ୍ତ୍ରୀ ଓ ସେନାପତିଙ୍କୁ ମୋର ଆଦେଶ ଜଣାଇଦିଅ ।"

ଏତିକି ସିଂହ ରାଜାର ପାଟିରୁ ବାହାରିଛି କି ନାହିଁ କୋକିଶିଆଳି ମାରିଲା ହୁଁଆ । ଆଗରୁ ତାର କଥାରେ ମହାବଳ ବାଘ, ଭାଲୁ, ଗଧିଆ ସବୁ ଟିକିଏ ଦୂରରେ ଲୁଚି ରହିଥିଲେ । କୋକିଶିଆଳି ଠାରୁ ରାଜାର ଆଦେଶ ଯେମିତି ଶୁଣିଲେ, ଗାଉଁ ଗାଉଁ, ହାଉଁ ହାଉଁ ହୋଇ ନିରୀହ ପଶୁମାନଙ୍କ ଆଡ଼କୁ ମାଡ଼ି ଆସିଲେ । ଯିଏ ଯେତେ ପାରିଲା, ସେତେ ମାରିଲେ । ସେମାନଙ୍କ ମଧ୍ୟରୁ ଯେଉଁମାନେ କୌଣସି ପ୍ରକାରେ ଖସିଗଲେ ସେମାନେ ଛିନ୍ନ ଛତ୍ର ହୋଇ କୁଆଡ଼େ ପଳେଇଲେ । ଲୁଚି ଲୁଚି ଯାଇ ନିଜ ନିଜ ବସାରେ ପଶିଗଲେ ।

Digitized by srujanika@gmail.com

ସେମାନଙ୍କୁ ଦେଖି ବୁଢ଼ା ବୁଢ଼ୀଏ କହିଲେ—"ହଇରେ ପିଲେ, ଆମର କଥା ତ ଆଗରୁ ଶୁଣିଲନି । ଗୁରୁଜନଙ୍କ କଥା ଶୁଣିଥିଲେ କଣ ଏମିତି ହଇରାଣ ହୋଇଥାନ୍ତ ? ହଉ ଏବେ ମଧ୍ୟ ସମୟ ଅଛି । ମନେ ରଖ, "ଶଠଙ୍କ ମଧୁର ବଚନ, ମଣିବ ଜହର ସମାନ ।" ତେଣୁ କଉଣସି କାମ କରିବା ଆଗରୁ ଭଲ ଭାବେ ବୁଦ୍ଧି ବିଚାରି କଲେ କିଛି ବିପଦ ପଡ଼ିବନି । ସୁଖରେ ରହିବ ।

ତେଣୁ କଥାରେ ଅଛି—

ବୁଦ୍ଧି ବିଚାରି କାର୍ଯ୍ୟ କଲେ,
ବିପଦ ନ ପଡଇ ହେଲେ ।

Digitized by srujanika@gmail.com

ବାପାଙ୍କ ଉପଦେଶ ପୁଅ ପାଳିଲା

ଗୋପାଳପୁରର ଗୋପାଳ ସାହୁ ଜଣେ ଧର୍ମବନ୍ତ ଲୋକ ଥିଲେ । ବେପାର ବଣିଜ କରି କୁଟୁମ୍ବ ପୋଷୁଥିଲେ । ତାଙ୍କ ଠାରେ ଠକା ଠକି କାରବାର ନଥିଲା । ଭଲ ବାଟରେ ଯାହା ରୋଜଗାର କରୁଥିଲେ ସେଥିରେ ଖୁସିରେ କୁଟୁମ୍ବ ଚଳେଇ ନେଉଥିଲେ । ଅଭାବରେ ପଡ଼ିଥିବା ଲୋକଙ୍କୁ ଋଣ ବାଡ଼ି ମଧ୍ୟ ଦିଆ ନିଆ କରୁଥିଲେ । କିନ୍ତୁ ଋଣ ଅସୁଲ କରିବାରେ କେବେ ଜୋର ଜବରଦସ୍ତ କରୁ ନ ଥିଲେ । ତେଣୁ ଖଣ୍ଡ ମଣ୍ଡଳରେ ତାଙ୍କର ଭଲ ନାଆଁ ଥିଲା ।

କାଳକ୍ରମେ ଗୋପାଳଙ୍କ ଶେଷ ସମୟ ଆସିଗଲା । ଦିନେ ପୁଅ ଦୀନବନ୍ଧୁକୁ ପାଖକୁ ଡାକି କହିଲେ—"ବାପ, ମୁଁ ଆଉ ବେଶୀ ଦିନ ବଞ୍ଚିବିନି । ତୋ ପାଇଁ ମୁଁ ବହୁତ ଧନ

Digitized by srujanika@gmail.com

ସମ୍ପତ୍ତି ରଖି ଦେଇଛୁ । ସେତିକିରେ ତୁ ଖୁସି ହୋଇ ଘର ଚଳେଇ ନେବୁ । ଖରାପ ବାଟରେ ଧନ ରୋଜଗାର କରିବାକୁ ମନ ବଳେଇବୁ ନି ।

ତା' ପରେ ହିସାବ ଖାତା ବାହାର କରି ପୁଅକୁ ଦେଇ ପୁଣି କହିଲେ—"ଏହି ଖାତାରେ କାହାକୁ କେତେ ଋଣ ଦିଆଯାଇଛି ଲେଖା ଅଛି । ସେଥି ମଧ୍ୟରେ ଆମର ଜଣେ ବନ୍ଧୁଙ୍କ ନାଆଁ ଅଛି । ଯଦି ସେ ନିଜ ଇଚ୍ଛାରେ ଟଙ୍କା ଫେରାନ୍ତି ତେବେ ରଖିବୁ । କାରଣ ତାଙ୍କ ଅସମୟରେ ମୁଁ ସାହାଯ୍ୟ କରିଥିଲି । ଏବେ ଯଦି ଜବରଦସ୍ତି ଆଦାୟ କରିବୁ, ତାଙ୍କ ମନରେ ଦୁଃଖ ହେବ ଏବଂ ମୋ ସାହାଯ୍ୟର ମୂଲ୍ୟ କିଛି ରହିବ ନାହିଁ ।"

ବାପାଙ୍କର ଶେଷ ଉପଦେଶ ମାନି ଚଳିବାକୁ ପୁଅ କଥା ଦେଲା । କିଛି ଦିନ ପରେ ଗୋପାଳ ସତକୁ ସତ ସଂସାର ଛାଡ଼ି ଚାଲିଗଲେ ।

ଏଥର ଦୀନବନ୍ଧୁ ଉପରେ ବେପାର ବଣିଜ ଓ ଘରର ସବୁ ଭାର ପଡ଼ିଲା । ବାପା ଥିଲାବେଳେ ତା ଉପରେ କିଛି ଭାର ପଡ଼ି ନଥିଲା । ମନ ଖୁସିରେ ବୁଲୁଥିଲା । ତେଣୁ ଏହିସବୁ ଭାର ତୁଲାଇବାରେ ତାକୁ ବଡ଼ ଅଡ଼ୁଆ ଲାଗିଲା । ବେପାର ଭଲ ଚଳିଲାନି । ବାପା ଯାହା ଧନ ସମ୍ପତ୍ତି ରଖିଥିଲେ ସେତକ ସରି ଆସିଲା । କୁଟୁମ୍ବ ପୋଷିବାରେ କଷ୍ଟ ହେଲା । ତଥାପି ବାପାଙ୍କ ଉପଦେଶ ମାନି କେବେହେଲେ ଖରାପ କାମ କରିବାକୁ ଇଚ୍ଛା କଲାନି ।

Digitized by srujanika@gmail.com

ତାହା ଦେଖି ତାର ସାଙ୍ଗସାଥିମାନେ କହିଲେ— "ଦୀନୁ ! ନିଜର ଧନ ଅନ୍ୟ ପାଖରେ ରଖି ଏମିତ କଷ୍ଟରେ କେତେଦିନ ଚଳିବୁ । ବାପା ଦେଇଥିବା ଋଣ ବନ୍ଧୁଙ୍କ ଠାରୁ ଅସୁଲ କରେ । ବ୍ୟବସାୟରେ ଖଟା, ତେବେ ଯିନା ଲାଭ ହେବ । ତୋର ଦୁଃଖ କଷ୍ଟ ଆଉ ରହିବ ନାହିଁ ।

"ନା ଭାଇ ! ଭୋକ ଉପାସରେ ପଛେ ମରିବ, ବାପାଙ୍କ ଶେଷ କଥାଟିକୁ ଅମାନ୍ୟ କରିପାରିବନି । ଅସୁବିଧା ହେତୁ ଯିନା ବନ୍ଧୁ ଋଣ ଶୁଝିପାରୁ ନାହାନ୍ତ । ଜୋର ଜବରଦସ୍ତ ଆଦାୟ କଲେ ତାଙ୍କୁ ଯେମିତ କଷ୍ଟ ନ ହେବ, ତାଠୁ ବଳି ବାପାଙ୍କ ଆତମାକୁ କଷ୍ଟ ହେବ । ଆମ ଭିତରେ ଥିବା ସୁଖ ଶାନ୍ତ ମଧ୍ୟ ଭାଙ୍ଗିଯିବ । ତେଣୁ ମୋତେ ସେ କଥା କହନ ।"

ହେଲେ ଦୁଇଟି ପରିବାର ସୁଖ ଶାନ୍ତରେ ରହିଲେ, ଖଳ ଲୋକଙ୍କ ଦେହ ସହୁଛି କେଉଁଠି ? ଏଠାରେ ମଧ୍ୟ ସେୟା ହେଲା । ଦୀନବନ୍ଧୁର ସାଙ୍ଗସାଥିମାନେ ଥରକୁଥର ତାକୁ ସେହି କଥା କହି ଉସୁକାଇଲେ । ଏଣେ ତାର ପରିବାର ମଧ୍ୟ ପଇସା ଅଭାବରୁ ଦିନକୁ ଦିନ ଭାରି କଷ୍ଟରେ ଚଳିଲେ । ତେଣୁ ଶେଷରେ ବନ୍ଧୁଙ୍କ ଠାରୁ ଋଣ ଅସୁଲ କରିବା ପାଇଁ ଦୀନବନ୍ଧୁ ଠିକ୍ କଲା ।

ଦିନେ ସେ ବନ୍ଧୁଙ୍କ ଘରକୁ ଗଲା । ନିଜର ଅଭାବ କଥା ଜଣାଇ ଋଣ ଟଙ୍କା ଫେରେଇ ଦେବା ପାଇଁ କହିଲା । କିନ୍ତୁ ସେତେବେଳେ ବନ୍ଧୁଙ୍କ ଅବସ୍ଥା ମଧ୍ୟ ବଡ଼ ଖରାପ । ଦେବ,

Digitized by srujanika@gmail.com

ଦେବ ବୋଲି କହି ଟଙ୍କା ଦେଇ ପାରିଲେ ନାହିଁ । ଏମିତି ବହୁତ ଦିନ ଗଡ଼ିଗଲା । ଶେଷରେ ସାଙ୍ଗସାଥିମାନଙ୍କ କଥାରେ ପଡ଼ି ଦୀନବନ୍ଧୁ ସେହି ଋଣ ଅସୁଲ କରିବା ପାଇଁ କଚେରୀରେ ଗୋଟିଏ ମକଦ୍ଦମା କରିଦେଲା । ବର୍ଷକ ମଧ୍ୟରେ ଫଇସଲା ହୋଇଗଲା । ସେଥିରେ ଦୀନବନ୍ଧୁ ଜିଣିଲା । ତଥାପି ବନ୍ଧୁ ଟଙ୍କା ଫେରେଇ ପାରିଲେ ନାହିଁ ।

ଶେଷରେ ଦୀନବନ୍ଧୁ ବନ୍ଧୁଙ୍କ ଘର ବିକି ପଇସା ଆଦାୟ କରିବା ପାଇଁ କଚେରୀରୁ ଆଦେଶ ଆଣିଲା । ସାଙ୍ଗସାଥି ଓ କଚେରୀ ବାବୁଙ୍କୁ ଧରି ତାଙ୍କ ଘରକୁ ଗଲା । ବନ୍ଧୁଙ୍କୁ ଘରୁ ବାହାର କରି ଦେଇ ତାଙ୍କ ଘରେ ଯାହାଥିଲା, ଲୋକ ଲଗେଇ ସେ ସବୁ ବାହାରକୁ ଫିଙ୍ଗିବାରେ ଲାଗିଲା ।

ତାହା ଦେଖି ବନ୍ଧୁଙ୍କ ଘରର ସମସ୍ତେ କାନ୍ଦିବାକୁ ଲାଗିଲେ । ବନ୍ଧୁଙ୍କ ମା କାନ୍ଦି କାନ୍ଦି ଦୀନବନ୍ଧୁଙ୍କ ପାଖକୁ ଆସି କହିଲେ —"ବାପ ! ତୁ ଏୟେ କଣ କରୁଛୁ ? ତୋ ବାପାଙ୍କ ପରେ ଆମେ କଣ ଏତେ ପର ହୋଇଗଲୁ ? ଆମ ଘରର ଅପମାନ କ'ଣ ତୋର ଅପମାନ ନୁହେଁ ? ତୋ ବାପା ଆମର ଅସମୟରେ ସାହାଯ୍ୟ କରିଥିଲେ, କିନ୍ତୁ କେବେ ହେଲେ ପଦେ କଥା କହି ନ ଥିଲେ । ମୁଁ ଜାଣେ ତୋତେ ମଧ୍ୟ ତୋ ବାପା ଏପରି ନ କରିବାକୁ ଉପଦେଶ ଦେଇ ଯାଇଛନ୍ତି । ତାଙ୍କର ଶେଷ କଥା ଟିକକ ମଧ୍ୟ ରଖିପାରିଲୁ ନାହିଁ ? ସେ ଯାହାହେଉ ମୁଁ କଥା ଦେଉଛି । ଟିକିଏ ସୁବିଧା ହେଲାକ୍ଷଣି ମୁଁ ନିଜେ ନେଇ ଋଣ ଶୁଝିଦେଇ ଆସିବି ।"

Digitized by srujanika@gmail.com

ବନ୍ଧୁଙ୍କ ଘରର ସେହି ଦୁଃଖ ଦେଖି ଓ ତାଙ୍କ ମାଆଙ୍କର ସେହି କେତେ ପଦ କଥା ଶୁଣି ଦୀନବନ୍ଧୁର ମନ ତରଳି ଗଲା । ଏଣେ ବାପାଙ୍କର ଶେଷ କଥା ଟିକକ ମଧ୍ୟ ରଖିପାରି ନ ଥିବାରୁ ଦୀନବନ୍ଧୁର ଆଖିରୁ ଲୁହ ଗଡ଼ିଗଲା । ତାହା ଦେଖି ସମସ୍ତେ କାବା ହୋଇଗଲେ । ଋଣ ଶୁଝିବା ଲୋକ ସିନା ସେହି ସମୟରେ କାନ୍ଦିବା କଥା । କିନ୍ତୁ ଏଠାରେ ଓଲଟା ଦେଖାଗଲା ।

ଏଥର ଦୀନବନ୍ଧୁ ମନକୁ ଟାଣ କରି ସାଙ୍ଗସାଥି ଏବଂ କଚେରୀ ବାବୁଙ୍କୁ କହିଲା –"ଭାଇମାନେ ! ମୋର ଟଙ୍କା ମୋତେ ମିଳିଗଲା । ବନ୍ଧୁଙ୍କ ଘରୁ ଜିନିଷ ପତ୍ର ବାହାର କରିବା ଆଉ ଲୋଡ଼ା ନାହିଁ । ଯେତକ ବାହାର କରାଯାଇଛି, ସେହି ସବୁ ତାଙ୍କ ଘର ଭିତରେ ରଖିଦିଅ ।"

ଶେଷରେ ସେୟା ହେଲା । ଦୀନବନ୍ଧୁକୁ ସାହି, ପଡ଼ିଶା ଦେଖଣାହାରୀମାନେ ଧନ୍ୟ ଧନ୍ୟ କଲେ । ବନ୍ଧୁଙ୍କ ଘରର ସମସ୍ତେ ଖୁସିରେ ତାକୁ କୁଣ୍ଢେଇ ପକେଇଲେ ।

ବାପାଙ୍କ କଥା ମାନି ଗୋଟିଏ ଦୁଃଖୀ ପରିବାରକୁ ସାହାଯ୍ୟ କରିପାରିଥିବା ହେତୁ ଦୀନବନ୍ଧୁ ମଧ୍ୟ ମନେ ମନେ ଏପରି-ଖୁସିହେଲା । ଆଶ୍ଚର୍ଯ୍ୟର କଥା ସେହିଦିନ ଠାରୁ ତାର ବେପାର ମଧ୍ୟ ବଢ଼ିବାରେ ଲାଗିଲା । ଅଳ୍ପଦିନ ଭିତରେ ତାର ସବୁ ଅଭାବ ଦୂର ହୋଇଗଲା ।

ତେଣୁ କଥାରେ ଅଛି—

"ଦେଇଥିଲେ ପାଇ, ବୁଣିଥିଲେ ଦାଇ ।
ପଡ଼ିଆ ଜମିରେ ଗଧ ନ ଚରଇ ।"

—ଃ✲✲ଃ—

Digitized by srujanika@gmail.com

ଚତୁର ଠେକୁଆ

ସୁରଙ୍ଗୀ ବଣରେ ଦିନେ ଗୋଟିଏ ବାଣୁଆ ଶିକାର ଖୋଜି ଖୋଜି ହାଲିଆ ହୋଇଗଲା । ବହୁତ ସମୟ ଯାଏ ବୁଲିଲା । କିନ୍ତୁ ଗୋଟିଏ ହେଲେ ଜନ୍ତୁ ପାଇଲା ନାହିଁ । ଶେଷରେ ଉପାୟଶୂନ୍ୟ ହୋଇ ମୁଣ୍ଡରେ ହାତଦେଇ ଗୋଟିଏ ଗଛମୂଳେ ବସିବାକୁ ଯାଉଛି ହଠାତ୍ ଗୋଟିଏ ଠେକୁଆ ତା ଆଖିରେ ପଡ଼ିଗଲା । ତାକୁ ଦେଖି ତା ଖୁସି କହିଲେ ନ ସରେ । ଟିକିଏ ହେଲେ ଖଡ଼ ଖାଡ଼ ନ କରି ପାଦ ଚପି ଚପି ଠେକୁଆ ଆଡ଼କୁ ଚାଲିଲା ।

ସେତେବେଳେ ଠେକୁଆଟି କୋଳି ଖାଇବାରେ ବ୍ୟସ୍ତ ଥିଲା । ବାଣୁଆ ଆଡ଼େ ତାର ଟିକିଏ ହେଲେ ନଜର ନ ଥିଲା । ସେହି ସୁଯୋଗରେ ବାଣୁଆ ପାଦ ଚପି ଚପି ଯାଇ ତାକୁ ଚଟ୍

Digitized by srujanika@gmail.com

କନା ଧରି ପକାଇଲା । ତାହା ଦେଖି ଠେକୁଆ ଏକାଥରେ ଘ୍ଵନଆ । ହାତରୁ ଖସିଯିବା ପାଇଁ କେତେ ଘ୍ଟିପିଟି ହେଲା । କିନ୍ତୁ ବାଣୁଆ ଘ୍ଡ଼ୁଛି କେଉଁଠି । ଅନ୍ୟ ଉପାୟ ନ ଦେଖି ଶେଷରେ ଠେକୁଆ ଭ୍ବିଲା—ବାଣୁଆକୁ ତ ବଳରେ ପାରି ହେବନ, କଳରେ ହିଁ ତା ହାତରୁ ଫିଟିବାକୁ ହେବ ।

ଏହା ଭ୍ବି କାନ୍ଦି କାନ୍ଦି କହିଲା—"ବାଣୁଆ ଭ୍ଇ ! ମୋ ପରି ଗୋଟିଏ ଛୋଟିଆ ଜୀବକୁ ମାରି ତମର କଣ ଲ୍ଭ ହେବ ? କେତେ ଅବା ମାଂସ ପାଇବ ? ତମେ ଯଦି ମୋତେ ଘ୍ଡ଼ି ଦେବ, ତମକୁ ଇମିତ ଗୋଟିଏ ଜାଗା ଦେଖେଇ ଦେବି, ଯେଉଁଥିରେ କି ପଲ ପଲ ହରିଣ ଅଛନ୍ତି । ତୁମେ ପ୍ରତିଦିନ ସେଥିରୁ ଗୋଟିଏ ଗୋଟିଏ ନେଇ ଖାଇ ପିଇ ସୁଖରେ ରହିବ ।"

ଠେକୁଆର କଥା ଶୁଣି ବାଣୁଆର ପାଟିରୁ ଲ୍ଳ ଗଡ଼ିଲା । କହିଲା—"ଠେକୁଆ ଭ୍ଇ ! ତୁ ଯଦି ସତେ ସିମିତ ଜାଗାଟିଏ ଦେଖେଇ ଦବୁ ତୋତେ ଘ୍ଡ଼ିଦେବି । ନ ହେଲେ ଖବର୍ ଦାର୍ । ମୋ ସହିତ ଖେଳିବାର ମଜା ଛଡ଼େଇ ଦେବି ।"

"ଠିକ୍ ଅଛି ବାଣୁଆ ଭ୍ଇ । ତମେ ମୋ ସାଙ୍ଗରେ ଚ୍ଲ । ସତ କି ମିଛ ନିଜେ ଦେଖିବ ।" ଠେକୁଆ କହିଲା ।

Digitized by srujanika@gmail.com

ବାଣୁଆ ଠେକୁଆକୁ ଧରି ଚାଲିଲା । କିଛି ଦୂର ଗଲା ପରେ ଠେକୁଆ ପୁଣି ଆଖି ମିଟି ମିଟି କରି କହିଲା—"ବାଣୁଆ ଭାଇ ! ହେଇଟି ଦେଖ । ଆଗରେ ଯେଉଁ ଗୁମ୍ଫାଟି ଦିଶୁଛି, ତାହା ଭିତର ଦେଇ ଆର ପାରିକି ଗଲେ ଗୋଟିଏ ବଡ଼ ରାସ୍ତା ଭୂଇଁ ଅଛି । ସେଠାରେ ପଲ ପଲ ହରିଣ ଅଛନ୍ତି । ସେଠାକୁ ଯିବାକୁ ହେବ । କିନ୍ତୁ ସେହି ଗୁମ୍ଫାରେ କିଏ ରହୁଛି ଜାଣିଛ ? ବଣର ରାଜା ସିଂହ । ଯଦି ଆମକୁ ଦେଖେ, ତେବେ ଚଟଣି କରିଦେବ । ତେଣୁ ମୁଁ ଟିକିଏ ଦେଖି ଆସେ । ଯଦି ସେ ନଥାଏ ତେବେ ଆମେ ସୁବିଧାରେ ଚାଲିଯିବା । ଯଦି ଥାଏ, ତେବେ ମୁଁ ତାକୁ ଭୁଲେଇ ପଦାକୁ ନେଇ ଆସିବି । ସେ ଆସିବାକ୍ଷଣି ତୁମେ ଶର ବିନ୍ଧି ତାକୁ ମାରିଦେବ । ତା' ପରେ ସବୁଦିନ ପାଇଁ ସେହି ରାସ୍ତା ଆମପାଇଁ ତ ଖୋଲିଯିବ । ଯେତେବେଳେ ଚାହିଁବ ସେତେବେଳେ ଗୋଟିଏ ଗୋଟିଏ ହରିଣ ଖାଉଥିବ ।"

ବାଣୁଆକୁ ମାଂସ ଲୋଭ ଲାଗିଯାଇଥିଲା । ଠେକୁଆର କପଟ କଥା ବୁଝି ପାରିଲାନି । ତା କଥାରେ ରାଜି ହୋଇଗଲା । କହିଲା—"ଠିକ୍ ଅଛି । ଯାହା କରିବା କଥା ଚଞ୍ଚଳ କରେ । ମୁଁ ଏହି ଗଛ ଉହାଡ଼ରେ ଲୁଚି ରହିଛି ।" ଏତିକି କହି ବାଣୁଆ ଠେକୁଆକୁ ଛାଡ଼ିଦେଲା । ଠେକୁଆ ମନେ ମନେ ଭାରି ଖୁସି

Digitized by srujanika@gmail.com

ହେଲା । ଭାବିଲା ଯାହା ହେଉ ଏଥର ଦୁଇଟି ଯାକ ଦୁଷ୍ଟ ଜୀବଠାରୁ ଛୁଟି ମିଳିଯିବ ।

ଏହା ଭାବି ଠେକୁଆ ଡେଙ୍ଗି ଡେଙ୍ଗିକା ଯାଇ ଗୁମ୍ଫା ନିକଟରେ ପହଞ୍ଚି ଡାକିଲା—"ମଣିମା ଅଛନ୍ତି ?"

"କିଏ ତୁ ?" ଘଡ଼ଘଡ଼ି ନାଦ ଶୁଭିଲା ।

"ମଣିମା ଜୁହାର । ମୁଁ ଜଣେ ଗରିବ ସେବକ । ଗୋଟିଏ ଭଲ ଭେଟି ନେଇ ଆସିଛି । ପଦାକୁ ଆସିଲେ ଦେଖିବ ।" ଠେକୁଆ ଧୀରେ ଧୀରେ ଏତିକି କହିଲା ।

"ଓଃ ! କେଡେ ସୁଖରେ ଶୋଇଥିଲି । ବଦମାସ୍ଟା କୁଆଡୁ ଆସି ନିଦ ଭାଙ୍ଗିଦେଲା । ତଥାପି ଯେତେବେଳେ ଭେଟି ଆଣିଛୁ ଛାଡ଼ିବା କଥା ନୁହେଁ ।" ଏହା ଭାବି ଅଳସ ଭାଙ୍ଗି ଭାଙ୍ଗି ସିଂହ ବାହାରକୁ ଆସି ଆଁ କରି ବଡ ହାଇଟିଏ ମାରିଲା ।

ବାଣୁଆ ତ ସଜ ହୋଇ ବସିଥିଲା । ଯିମିତ ତାକୁ ଦେଖିଲା, ମାରିଲା ଗୋଟିଏ ଶର । ସାଇଁ ସାଇଁ ହୋଇ ଶରଟି ଯାଇ ସିଂହର ପାଟି ଭିତରେ ପଶି ତାଳୁ ଫଟେଇ ଆର ପଟେ ବାହାରି ପଡ଼ିଲା । ଗଁ ଗଁ ରଡ଼ି ଛାଡ଼ି ଚିତ୍ପଟାଙ୍ଗ୍ ହୋଇ ସିଂହ ସେଠାରେ ଟଳି ପଡ଼ିଲା ।

Digitized by srujanika@gmail.com

ସେତିକି ବେଳକୁ ସିଂହର ସ୍ତ୍ରୀ କୁଆଡ଼େ ବୁଲି ପଳେଇଥିଲା । ଦଇବ ଯୋଗକୁ ଠିକ୍ ସମୟରେ ଫେରି ଆସି ପହଞ୍ଚିଗଲା । ସିଂହର ସେହି ଅବସ୍ଥା ଦେଖି ସେ ଆଉ ସମ୍ଭାଳି ପାରୁଛି କେଉଁଠି ? ରାଗ ତମ ତମ ହୋଇ ଗରଜନ ତରଜନ କରି ଚାରି ଆଡ଼କୁ ଚାହିଁଲା । ତା ପରେ ପାଗଳୀପରି ଏଣେ ତେଣେ ଦଉଡ଼ିବାକୁ ଲାଗିଲା ।

ତା'ର ସେହି ଭୟଙ୍କର ରୂପ ଦେଖି ବାଣୁଆ ଜୀବନ ଶକଲରେ ଗୋଟିଏ ଗଛ ଉପରେ ଚଢ଼ିଯିବାକୁ ଧାଇଁଲା । ସେତେବେଳେ ସିଂହୀର ଆଖି ତା ଉପରେ ପଡ଼ିଗଲା । ଦେଖି ତା ରାଗ । ଏକା ଡ଼ିଆଁରେ ଯାଇ ତା ପାଖରେ ହାଜର । ତାକୁ ଦେଖି ବାଣୁଆ ଏକାଥରେ ଛାନିଆଁ । ସିମିତି ଠିଆ ଠିଆରେ ଚର୍‌ର ଚର୍‌ର ମୁତି ପକେଇଲା । ଆଉ ଉପରକୁ ଚଢ଼ିବ କଣ । ଧଡ଼ାସ୍ କିନା ଖସି ପଡ଼ିଗଲା ।

ସିଂହୀକୁ ଆଉରି ସୁବିଧା ମିଳିଗଲା । ତାର ତଣ୍ଟିକୁ ପାଟିରେ ଧରି ଶୂନ୍ୟେ ଶୂନ୍ୟେ ଟେକି ନେଇ ସିଂହର ଗୋଡ଼ ପାଖରେ କଚାଡ଼ି ଦେଲା । ସେତିକିରେ ବାଣୁଆ ଶେଷ ।

ତା ପରେ ସିଂହୀ ବହୁତ ଗରଜନ ତରଜନ କରି ବଣ ସାରା କମ୍ପେଇ ଦେଲା । ବିଚାରୀ ଶେଷରେ ହାଲିଆ ହୋଇ ଗୁମ୍ଫା ଭିତରକୁ ଯାଇ ଚାରିକାତ ମେଲି ଶୋଇ ପଡ଼ିଲା ।

Digitized by srujanika@gmail.com

ଏଥର ଠେକୁଆ ଲମ୍ବା ନିଃଶ୍ୱାସ ଛାଡ଼ିଲା । ଚାରି ଆଡ଼କୁ ଚାହିଁ ଦେଖିଲା ପାଖରେ ଆଉ କିଛି ବିପଦ ନାହିଁ । ଧୀରେ ଧୀରେ ବୁଦା ଭିତରୁ ବାହାରି ମାରିଲା ଏକା ଡିଆଁ ଯେ ଆଉ ପଛକୁ ଚାହିଁବାକୁ ତର ମିଳିଲା ନି ।

ତେଣୁ କଥାରେ ଅଛି—

ବୁଦ୍ଧି ବିବେକ ଜ୍ଞାନ ବଳେ
ସଂସାର ଜିଣିପାରେ ହେଳେ ।



Digitized by srujanika@gmail.com